READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୫ | ସଂଖ୍ୟା-୨୩ | ୨୧ - ୨୭ ଜୁନ୍, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-23 | 21st - 27th JUNE, 2021 | BHUBANESWAR | ₹ 5/- (8 Pages)

# ଡରାଇଲାଣି କରୋନାର ତୃତୀୟ ଲହର

## ୬ ରୁ ୮ ସପ୍ତାହ ମଧ୍ୟରେ ଆସିବ

**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ୱିତୀୟ ଲହର ବେଳେ ଏକାଧିକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହୋଇଥିବା ଲକଡାଉନ କଟକଣା କୋହଳ ହେବାରେ ଲାଗିଛି। ଲକଡାଉନ କୋହଳ ହେବା ମାତ୍ରେ ବିଭିନ୍ନ ବଜାର ଓ ଦୋକାନରେ ପ୍ରବଳ ଭିଡ଼ ଜମୁଛି। ଏହାକୁ ନେଇ କେନ୍ଦ୍ର ସରକାର ତୃତୀୟ ଲହର ଆସିବାର ଆଶଙ୍କା ପ୍ରକାଶ କରିଛନ୍ତି। ସିଧାସଳଖ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଜୟ ଭଲ୍ଲା ତୃତୀୟ ଲହର କଥା କହି ନଥିଲେ ହେଁ ଲକଡାଉନ କୋହଳ ବେଶ ସତର୍କତାର ସହ କରିବାକୁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ କହିଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ସେ ୫ ସୂତ୍ରୀ ମନ୍ତ୍ର ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। କୋଭିଡ ସଂକ୍ରମଣକୁ ରୋକିବା ପାଇଁ ଜାରି ନିୟମକୁ ପାଳନ କରିବା, ୩ଟି-ଟେଷ୍ଟ, ଟ୍ରାକ ଓ ଟ୍ରିଟମେଣ୍ଟ ଏବଂ ଟିକାକରଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଛନ୍ତି। ଅନ୍ୟପଟେ ଏମ୍ସ ମୁଖ୍ୟ ଡା ରଣଦୀପ ଗୁଲେରିଆ କରୋନାର ତୃତୀୟ ୱେଭ ଦେଶକୁ ଆସିବା ନିଶ୍ଚିତ ବୋଲି କହିଥିଲେ। ଏଥିସହ ୬ରୁ ୮ ସପ୍ତାହ ମଧ୍ୟରେ ଦେଶରେ ଏହାର ପ୍ରଭାବ ଦେଖାଯିବ। ଲକଡାଉନ କୋହଳ ପରେ ଲୋକମାନେ ନିୟମ ନ ମାନିବା ତୃତୀୟ ୱେଭ ଆସିବାର କାରଣ ବୋଲି



ସେ ଚେତାବନୀ ଦେଇଥିଲେ। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସହ ଯୋଗାଯୋଗ କରି ସଚିବ ଅଜୟ ଭଲ୍ଲା କହିଛନ୍ତି, କରୋନା ଚେନ୍‌ର ସଂକ୍ରମଣକୁ ରୋକିବାକୁ ହେଲେ ବର୍ତ୍ତମାନ ସମୟରେ ଟିକାକରଣ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଯଥା ସମ୍ଭବ ଟିକାକରଣ କାର୍ଯ୍ୟକ୍ରମକୁ ଜୋରାଦର କରନ୍ତୁ। ଅଧିକରୁ ଅଧିକ ଲୋକ ➤ ପୃ-୬

## ପିଲାଙ୍କ ପାଇଁ ହୋଇପାରେ ଘାତକ !

**ନୂଆଦିଲ୍ଲୀ:** ମହାମାରୀ କରୋନା ସମୟରେ ମାସ୍କ ଓ ସାମାଜିକ ଦୂରତା ଅନେକଙ୍କ ଲୋକଙ୍କ ବଞ୍ଚାଇ ଥାଇପାରେ। କିନ୍ତୁ ମାସ୍କ ଓ ସାମାଜିକ ଦୂରତା ଛୋଟ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଉଥିବା ଇଂଲଣ୍ଡର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ ମତରେ ଗଲା ୧୫ ମାସ ହେଲାଣି ଛୋଟ ପିଲାମାନେ କୌଣସି ଭାଇରାଲ ଭୂତାଣୁ ସହ ଲଢ଼େଇ କରିନାହାନ୍ତି। ଏହି ଭାଇରାଲ ଭୂତାଣୁ ସିଜନାଲ ଫ୍ଲୁ ସୃଷ୍ଟି କରିଥାଏ। ତେଣୁ ସେମାନଙ୍କ ଶରୀରରେ କୌଣସି ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇପାରୁ ନାହିଁ। ଏହା ମହାମାରୀର ଦିନ



ବିତିଲା ପରେ ସେମାନଙ୍କ ପାଇଁ ଘାତକ ହୋଇପାରେ। ଭାଇରୋଲଜିଷ୍ଟମାନେ ଫୁସଫୁସକୁ ସଂକ୍ରମଣ କରୁଥିବା ରେସ୍‌ପିରେଟୋରୀ ସିଙ୍କିସିଆଲ ଭାଇରସକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଏପରି କି ଏହା ବେଳେବେଳେ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ। ବର୍ଷକରୁ କମ ବୟସ୍କଙ୍କ ପିଲାମାନେ ଏହି ରେସ୍‌ପିରେଟୋରୀ ସିଙ୍କିସିଆଲ ଭାଇରସରେ ପୀଡ଼ିତ ହୋଇଥାଆନ୍ତି। ଏମାନଙ୍କ ପାଇଁ କୌଣସି ଟିକା ନଥିବାରୁ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ କହିଛନ୍ତି, କୋଭିଡ ଆସିବା ପୂର୍ବରୁ ଅନ୍ୟ ଋତୁଭିତ୍ତିକ ଭୂତାଣୁ ତୁଳନାରେ ଆରଏସ୍‌ଭି ଦ୍ୱାରା ପୀଡ଼ିତ ହୋଇ ଛୋଟ ପିଲାମାନେ ➤ ପୃ-୬

## ପ୍ରତି ୪୦ ସେକେଣ୍ଡରେ ଜଣଙ୍କର ଆତ୍ମହତ୍ୟା

**ନୂଆଦିଲ୍ଲୀ :** ସାରା ବିଶ୍ୱରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଆତ୍ମହତ୍ୟା। ଏକ ସଦ୍ୟ ଆକଳନ ଅନୁଯାୟୀ, ବିଶ୍ୱରେ ଏଚ୍‌ଆଇଭି, ମ୍ୟାଲେରିଆ, ସ୍ତନ କର୍କଟ, ଯୁଦ୍ଧ ଏବଂ ହତ୍ୟା ଜନିତ ମୃତ୍ୟୁ ସଂଖ୍ୟାଠାରୁ ଅଧିକ ଲୋକ ଆତ୍ମହତ୍ୟା କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବିଶ୍ୱରେ ପ୍ରତି ଶହେ ଜଣଙ୍କ ମଧ୍ୟରେ ଜଣେ ଆତ୍ମହତ୍ୟା କରୁଛନ୍ତି। ୨୦୩୦ ସୁଦ୍ଧା ଆତ୍ମହତ୍ୟା ହାରକୁ ଏକ ତୃତୀୟାଂଶ ହ୍ରାସ କରିବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପରାମର୍ଶବଳୀ ଜାରି କରିଛି। 'ହୁ'ର ସର୍ବଶେଷ ଆକଳନ ଅନୁଯାୟୀ, ୨୦୧୯ରେ ସାରା ବିଶ୍ୱରେ ଆତ୍ମହତ୍ୟା ଶୀର୍ଷକ ରିପୋର୍ଟରେ ପ୍ରକାଶିତ



ତଥ୍ୟ ଅନୁଯାୟୀ ଆତ୍ମହତ୍ୟା ସାରା ବିଶ୍ୱରେ ମୃତ୍ୟୁର ପ୍ରମୁଖ କାରଣ ଅଟେ। ୨୦୧୯ରେ ୭ ଲକ୍ଷରୁ ଅଧିକ ଲୋକ ସାରା ବିଶ୍ୱରେ ଆତ୍ମହତ୍ୟା କରିଛନ୍ତି। ଏହି ଆତ୍ମହତ୍ୟା ପ୍ରବଣତା କିଭଳି ହ୍ରାସ କରାଯାଇ ପାରିବ ଓ ଦେଶଗୁଡ଼ିକ ଏ କ୍ଷେତ୍ରରେ କେଉଁଭଳି ଆଭିମୁଖ୍ୟ ଗ୍ରହଣ କରିବେ, ସେ ନେଇ 'ହୁ' ନୂତନ ମାର୍ଗଦର୍ଶନ ପ୍ରସ୍ତୁତ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଡଃ ଟେଡ୍ରୋସ ଆଧନମ ଗେବ୍ରିସସ କହିଛନ୍ତି ଯେ, ଆମେ ଆତ୍ମହତ୍ୟାକୁ ଅଣଦେଖା କରିପାରିବୁ ନାହିଁ। ପ୍ରତ୍ୟେକ ଆତ୍ମହତ୍ୟା ଆମ ପାଇଁ ଏକ ଦୁଃଖଦ ଘଟଣା। ସେ କହିଛନ୍ତି, ଆତ୍ମହତ୍ୟାକୁ ରୋକିବା ପାଇଁ ଆମର ଧ୍ୟାନ ବର୍ତ୍ତମାନ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଏବେ କରୋନା ମହାମାରୀ ଯୋଗୁ ଜୀବନଯାପନ କରିବା ➤ ପୃ-୬

## ଡବଲ ମାସ୍କ ପିନ୍ଧ, ଟିକା ନିଅ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟର ୮ଟି ଜିଲ୍ଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମି, ତରଳ ଅକ୍ସିଜେନ ପ୍ଲାଣ୍ଟ ଓ ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ୍ ଉତ୍ପାଦନ ବ୍ୟବସ୍ଥା (ପିଏସ୍‌ଏ ପ୍ଲାଣ୍ଟ)ର ଭିତ୍ତିପ୍ରସ୍ତର ରଖିବା ସହିତ ଅନ୍ୟାନ୍ୟ ଭିତ୍ତିଭୂମିର ଉଦ୍‌ଘାଟନ କରିଛନ୍ତି। ଏହି ୮ ଜିଲ୍ଲା ହେଉଛି ଝାରସୁଗୁଡା, ଭଦ୍ରକ, ଜଗତସିଂହପୁର, ପୁରୀ, ସୋନପୁର, ନୟାଗଡ, ସୁନ୍ଦରଗଡ ଏବଂ ମୟୂରଭଞ୍ଜ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ୨୦ଟି ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ ଉତ୍ପାଦନ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଜୁନ୍ ୯ ତାରିଖରେ ୭ଟି



ଓ ଆଜି ୮ଟି ପିଏସ୍‌ଏ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ରଖାଯାଇଛି। ଏହି ୨୦ଟି ପିଏସ୍‌ଏ ପ୍ଲାଣ୍ଟ ଦ୍ୱାରା ମିନିଟ୍ ପ୍ରତି ୨୪ ହଜାର ଲିଟର ମେଡିକାଲ ଅକ୍ସିଜେନ୍ ଉତ୍ପାଦିତ ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ କୋଭିଡ୍ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଆସିଛି। ତଥାପି ଆମକୁ ଆହୁରି ସାବଧାନ ହେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଥିଲେ। ତୃତୀୟ ଲହର ପାଇଁ କେତେକ ରାଜ୍ୟରେ ବିଶେଷଜ୍ଞମାନେ ସତର୍କ ସୂଚନା ଦେଇଛନ୍ତି ବୋଲି ପ୍ରକାଶ କରି ଆମ ରଜ୍ୟରେ ଏଥିପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହାସହିତ ଡବଲ ମାସ୍କ ପିନ୍ଧିବା ସହିତ ଟିକା ନିଶ୍ଚିତ ➤ ପୃ-୬

## ବକ୍ରବାଣୀ



ଦେଉଳ ଗଡ଼ାକୁ ସହର ସଜା
ମାଡିଛନ୍ତି ଆମ ବାଡୁଅ ରଜା
ସେ କାହୁଁ ଜାଣିବେ ସଂସାର ମାୟା
ଜଣେ ଗାଲୁଆକୁ ଆରକ ବାୟା
କୋଟି କୋଟି ଟଙ୍କା ଖର୍ଚ୍ଚ କରିକି
ମଉଜ କରନ୍ତି ମନ ଭରିକି
ଲୋକେ ମରୁଥା'ନ୍ତୁ ଏମକୋ ପାଇଁ
ବେସରକାରୀକୁ ଯାଆନ୍ତୁ ଧାଇଁ
ଲହର ପରେ ଲହର ଆଉଚି
ଭଲ ମଉକା ଚୋରଙ୍କୁ ଦଉଚି।

— ଟୁଟୁ

### କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ବିକି ଦଲାଲ-କୁଜିନେତା ମାଲେମାଲ

## ବିରୋଧ କରିବାରୁ ଥାନା ଅଧିକାରୀ ଆକ୍ରୋଶର ଶିକାର

**ଭୁବନେଶ୍ୱର :** ମହାମାରୀ କରୋନା ସମୟରେ ରାଜ୍ୟ ପୋଲିସ ନିଜ ଜୀବନକୁ ପାଣି ଛଡାଇ ଲୋକଙ୍କ ଜୀବନ ବଞ୍ଚାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିଲା ବେଳେ ଚନ୍ଦକା ଅଞ୍ଚଳରେ କିଛି ଜମି ଦଲାଲ ଓ କୁଜିନେତା ଏକର ଏକର ସରକାରୀ ସମ୍ପତ୍ତିରେ ବସ୍ତି ତିଆରି କରି ଲକ୍ଷାଧିକ ଟଙ୍କାରେ ବିକ୍ରି କରିଚାଲିଛନ୍ତି। ବିଶେଷକରି କମିଶନରେଟ୍ ପୋଲିସ ମହାମାରୀ କରୋନା ପ୍ରକୋପରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ଲକିଂ, ଚେକିଂ କରୁଛନ୍ତି। ଏହାରି ମଧ୍ୟରେ ଚନ୍ଦକା ଥାନା ଅଞ୍ଚଳରେ ଥିବା ପଥରଗାଡିଆ ମୌଜାରେ ସରକାରୀ ଜମିରେ କିଛି ମୁଷ୍ଟିମେୟ ଜମି ଦଲାଲ ଏବଂ ସ୍ଥାନୀୟ କୁଜିନେତା ଘର ତିଆରି କରି ଏହାକୁ ଗରିବ ଲୋକଙ୍କୁ ବିକି ଚାଲିଛନ୍ତି। ଯାହାଫଳରେ ସେମାନେ ସରକାରୀ ସମ୍ପତ୍ତିରୁ କୋଟି କୋଟି ଟଙ୍କା ରୋଜଗାର କରିବା ସହିତ ମଉଜମସ୍ତି କରୁଛନ୍ତି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଲୋକ ଚନ୍ଦକା ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଫଳରେ ଜମି ମାଫିଆ ଓ କୁଜିନେତାଙ୍କ କାରନାମା ପଦାକୁ ଆସିଛି। ଯାହାଫଳରେ ଏହି ଜମି ଦଲାଲମାନେ କିପରି ଆଇଆଇସିଙ୍କୁ ବଶୀଭୂତ କରି ନିଜର କାରନାମା ଜାରି ରଖିବେ ଉଦ୍ୟମ କରି ବିଫଳ ହେବା ପରେ ସେମାନଙ୍କର କ୍ରୋଧ ବଢ଼ିଯାଇଛି। ଯାହାଫଳରେ ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ବୁଲି ବୁଲି ଆଇଆଇସି ଶ୍ରୀ ବିଶ୍ୱାଳଙ୍କ ବିରୋଧରେ ଅପପ୍ରଚାର ଚଳାଇଛନ୍ତି। କାରଣ ଜମି ଦଲାଲଙ୍କ ସ୍ୱାର୍ଥରେ ବାଧା ଦେଉଛନ୍ତି ଆଇଆଇସି ବୋଲି ସେମାନଙ୍କର ସମ୍ପୂର୍ଣ୍ଣ ଧାରଣା ହୋଇଛି। ଉଲ୍ଲେଖଯୋଗ୍ୟ ପଥରଗାଡିଆ ମୌଜାରେ ଥିବା ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ ଏହି ଜମି ମାଫିଆ ଏବଂ କୁଜି ଦଲାଲମାନେ ପ୍ଲଟିଂ କରି ୨୪୦୦ ବର୍ଗଫୁଟ୍ ଆକାର କରି ପ୍ଲଟ ପିଛା ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରିଚାଲିଛନ୍ତି। ଜମି ମାଲିକମାନଙ୍କ ଭଳି ସେମାନେ ଉକ୍ତ ସରକାରୀ ଜମିରେ ପ୍ଲଟିଂ କରିବା ସହିତ ୨୦ ଫୁଟିଆ ରାସ୍ତା ମଧ୍ୟ ତିଆରି କରିଛନ୍ତି। ଏଠାରେ ଅଧିକାଂଶ ଅସାମାଜିକ ବ୍ୟକ୍ତିଙ୍କୁ ଏହି ଦଲାଲମାନେ ଜମି ବିକ୍ରି କରିବା ସହିତ ସେମାନଙ୍କ ନାମ ଆଗାମୀ ➤ ପୃ-୬

## ସ୍ୱିସ୍ ବ୍ୟାଙ୍କରେ ବଢ଼ୁଛି ଭାରତୀୟଙ୍କ ପାଣ୍ଠି

**ନୂଆଦିଲ୍ଲୀ :** ମହାମାରୀ କରୋନା ସମୟରେ ବି ସ୍ୱିସ ବ୍ୟାଙ୍କରେ ଭାରତର ଲୋକ ଓ ଭାରତୀୟ କମ୍ପାନୀ ଗୁଡିକ ଅର୍ଥ ଜମା କରିବାକୁ ପଛାଉ ନାହାନ୍ତି। ସ୍ୱିସ ବ୍ୟାଙ୍କରେ ଜମା କଳାଧନ ଫେରାଇ ଆଣିବାକୁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାର କୌଣସି ସୁଫଳ ଦେଖିବାକୁ ମିଳିନାହିଁ। ୨୦୨୦ ବର୍ଷରେ ସ୍ୱିସ ବ୍ୟାଙ୍କରେ ଭାରତୀୟଙ୍କ ଜମା ୨.୫୫ ମିଲିୟନ ସ୍ୱିସ୍ ଫ୍ରାଙ୍କ ବା ୨୦,୭୦୦ କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି ପାଇଛି। ଗତ ୧୩ ବର୍ଷ ମଧ୍ୟରେ ଏହା ସର୍ବାଧିକ। ଭାରତରେ ଥିବା ସ୍ୱିସ୍ ବ୍ୟାଙ୍କର ଶାଖା ଓ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ଭାରତୀୟମାନେ ସେଠାରେ ପାଣ୍ଠି ରଖିଛନ୍ତି। ସିକ୍ୟୁରିଟିଜ ଓ ଅନ୍ୟାନ୍ୟ ଆର୍ଥିକ ସାଧନ ମାଧ୍ୟମରେ ବି ଭାରତୀୟମାନେ ଟଙ୍କା ସ୍ୱିସ୍ ବ୍ୟାଙ୍କରେ ଜମା କରିଛନ୍ତି। ସ୍ୱିଜରଲ୍ୟାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ବାର୍ଷିକ ରିପୋର୍ଟରୁ ଏପରି ତଥ୍ୟ ସାମ୍ନାକୁ





ଆସିଛି। ରିପୋର୍ଟ ଅନୁସାରେ, ଲଗାତାର ଦୁଇବର୍ଷ ଧରି ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ରାଶି ହ୍ରାସ ଘଟିଥିଲା। ୨୦୧୯ ଶେଷ ବେଳକୁ ସ୍ୱିସ୍ ବ୍ୟାଙ୍କରେ ଭାରତୀୟ ଓ ଭାରତୀୟ କମ୍ପାନୀର ଜମା ରାଶି ୮୯୯ ନିୟୁତ ସ୍ୱିସ ଫ୍ରାଙ୍କ ବା ୬୬୨୫ କୋଟି ଥିଲା। ତେବେ ଏହା ଏବେ ୧୩ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଛି। ୨୦୦୬ ମସିହାରେ ସ୍ୱିସ ବ୍ୟାଙ୍କରେ ଭାରତୀୟଙ୍କ ଜମା ରାଶି ରେକର୍ଡ ୬.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ରହିଥିଲା। ୨୦୧୧, ୨୦୧୨ ଓ ୨୦୧୭କୁ ବାଦ ଦେଲେ ➤ ପୃ-୬





## କଳାବଜାରୀରେ ଚାଲୁଛି ନକଲି ଜୀବନରକ୍ଷାକାରୀ ଔଷଧ

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଦେଶ କ'ଣ ସମଗ୍ର ବିଶ୍ୱରେ ମହାମାରୀ ରୋଗ ବ୍ୟାପିବାରେ ଲାଗିଥିବା ବେଳେ ଜୀବନ ରକ୍ଷାକାରୀ ଔଷଧ କଳାବଜାରୀରେ ମିଳିବା ଘଟଣା ଓଡ଼ିଶା ବାସୀଙ୍କ ଜୀବନପ୍ରତି ବିପଦ ଦେଖାଦେଇଛି । କେବେଳ କୋଭିଡ ଔଷଧ ନକଲୀ ନୁହେଁ ବିଭିନ୍ନ ରୋଗ ପାଇଁ ଲୋକମାନଙ୍କୁ ଦିଆଯାଉଥିବା ଔଷଧ ଗୁଡିକ ବି ଅତି ନିମ୍ନମାନର । କେବଳ ସରକାରୀ ନୁହେଁ, ଘରୋଇ କ୍ଷେତ୍ରରେ ଉତ୍ପାଦିତ ଜୀବନ ରକ୍ଷାକାରୀ ଔଷଧ ଗୁଡିକ ଅତି ନିମ୍ନମାନର ବିକ୍ରୟ କରାଯାଉଛି । ଫଳରେ ରୋଗ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ବେଳେ ମେଡିସିନି ଦୋକାନୀ ଓ ଡାକ୍ତରମାନଙ୍କ ପକେଟ ଗରମ ହେଉଛି । ଏପରିକି ବହୁ ଗାଁ ଗହଳିମାନଙ୍କରେ ଶିକ୍ଷାଗତ ଯୋଗ୍ୟତା ନଥିବା ବା ଟ୍ରେନିଂ ପ୍ରାପ୍ତ ନଥିବା ଲୋକମାନେ ନିଜକୁ ହୋମିଓପାଥି ଡାକ୍ତର କହି ଗରିବ ଲୋକମାନଙ୍କୁ ଏକପ୍ରକାର ଶୋଷଣ କରିଚାଲୁଛନ୍ତି । ରାତାରାତି କୋଟିପତି ହେବା ନିଶାରେ ଔଷଧ ସବୁକୁ ନେଇ



ଏକ ପ୍ରକାର କଳାବାଜାରୀ ଚାଲିଛି। ଏ ସବୁ ଘଟଣାକୁ ନେଇ ସ୍ୱାସ୍ଥ୍ୟସେବା ନାଁରେ ଲୋକମାନଙ୍କ ଜୀବନ ପ୍ରତି କେମିତି ଖେଳଚାଲିଛି ତାହା ପ୍ରମାଣ କରୁଛି । ଜଗତ୍‌ସିଂହପୁର ଜିଲ୍ଲାରେ କେଉଁ କେଉଁ ସ୍ଥାନମାନଙ୍କରେ କେତେଗୋଟି ଏଲୋପାଥି ଓ ହୋମିଓପାଥି ଦୋକାନ ଚାଲିଛି ବୋଲି ସୂଚନା ଅଧିକାର ଆଇନ୍ ବଳରେ ସୂଚନା ମାଗିଲେ ବି ଜିଲ୍ଲା ଔଷଧ ନିୟନ୍ତ୍ରକ ନିଜେ ଜାଣିନାହାଁନ୍ତି ବି ଉତ୍ତର ମିଳିପାରୁନାହିଁ । ତେଣୁ କେତେପରିମାଣର ଜାଲ ର୍‍ୟାକେଟ୍‌ମାନ ଔଷଧ ଦୋକାନମାନ ଖୋଲି ଲୋକମାନଙ୍କ ଜୀବନ ସହ ଖେଳଖେଳି ରାତାରାତି କୋଟିପତି ହେଉଛନ୍ତି ଶୁଣି ବୁଦ୍ଧିଜୀବୀ ମାନଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି । ଜଗତ୍‌ସିଂହପୁର ଜିଲ୍ଲାରେ ଅବସ୍ଥାପିତ କିଛି ଔଷଧ ନିୟନ୍ତ୍ରକ କର୍ମଚାରୀ ଦୀର୍ଘବର୍ଷ ଧରି ଏଠାରେ ରହି ର୍‍ୟାକେଟ୍‌ମାନଙ୍କଠାରୁ ମାସିକିଆ ପଣି ଆଦାୟ କରିବାରେ ସକ୍ଷମ ହେଉଛନ୍ତି, ସେଥିପାଇଁ ଗାଁ ଗହଳିମାନଙ୍କରେ ହୋମିଓପାଥି ଦୋକାନ ଓ ଏଲୋପାଥି ଦୋକାନ ସବୁ ଛତୁ ଫୁଟିଲା ପରି ଖୋଲାଚାଲିଛି । ଏସବୁ ଘଟଣାକୁ ନିର୍ଦ୍ଧାରଣ କରି କିପରି ଓ କେବେଠାରୁ ଏହି ନକଲି ଔଷଧ ଦୋକାନ ଗୁଡିକରେ ନବକଳେବର କରାଯାଇଛି ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ବିଷୟ । ଜିଲ୍ଲାରେ ଥିବା ଔଷଧ ନିୟନ୍ତ୍ରକ ଭାବେ ପ୍ରତିଷ୍ଠାନକୁ ଯାଇ ଏହାର ଅନୁଧ୍ୟାନ କରିବା ଉଚିତ୍ । ଏପରି ହେଲେ ରେରାରାକେର୍ଟମାନଙ୍କ ଔଷଧ ସବୁ ଜବତ କରିବା ସହିତ ମେଡିସିନ୍ ଦୋକାନମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ନକଲି ଔଷଧ ଦୋକାନୀ ମାନଙ୍କ ମଧ୍ୟରେ ଛନକା ପଶିପାରନ୍ତା । ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ନକାରାତ୍ମକ ଭାବନାକୁ ମନରୁ ଦୁରେଇ ରଖନ୍ତୁ। ଜମିଜମା ସମ୍ବନ୍ଧୀୟ ବିଚାର ଆପଣଙ୍କ ସପକ୍ଷରେ ଯିବ। ଧନପ୍ରାପ୍ତି ଯୋଗ ଅଛି। ବ୍ୟବସାୟରେ କ୍ଷତି ଯୋଗଅଛି। ଛାତ୍ରମାନେ ସଫଳ ହେବେ। ଦମ୍ପତି ମାନେ ଧାର୍ମିକ କାମରେ ଯୋଗ ଦେବେ।

**ବୃଷ** ମନ ଅସ୍ଥିର ହେବ। କ୍ରୋଧ ଉପରେ କାବୁ ରଖନ୍ତୁ। ଆବଶ୍ୟକ ବେଳେ ଧନର ଅଭାବ ହେବ। ପରିବାରରେ ସୁଖ ମିଳିବ। ଛାତ୍ରମାନେ ଅନେକ ପ୍ରତିବନ୍ଧକ ସମନା କରିବେ। ଦମ୍ପତିମାନେ ଝଗଡା କରିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** ସ୍ୱାସ୍ଥ୍ୟ ଅନୁକୂଳ ରହିବ। ବ୍ୟବସାୟରେ ଲାଭ ହେବ। ପରିବାରର ଲୋକଙ୍କ ଠାରୁ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ପାଠପଢ଼ା ବ୍ୟତିତ ଅନ୍ୟ କାମରେ ଯୋଗ ଦେବେ।

**କର୍କଟ** ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଉଧାର ଦେବାରୁ ଦୂରେଇ ରହନ୍ତୁ। ପରିଭ୍ରମଣରେ ଯାଇପାରନ୍ତି। ଚାକିରିରେ ବଦଳି ହୋଇପାରେ। ଛାତ୍ରମାନେ ଶିକ୍ଷକଙ୍କ ଠାରୁ ସହଯୋଗ ନିଅନ୍ତୁ।

**ସିଂହ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଖର୍ଚ୍ଚ ବଢ଼ିବ। ଆର୍ଥିକ ସ୍ଥିତିରେ ସୁଧାର ହେବ। ପରିବାରରେ କୌଣସି ଲୋକ ଅସୁସ୍ଥ ହୋଇ ପାରନ୍ତି। ଛାତ୍ରମାନେ ଯୋଜନାବଦ୍ଧ ଭାବରେ ବଢ଼ନ୍ତୁ। ପ୍ରେମିକମାନଙ୍କ ପାଇଁ ଉପଯୁକ୍ତ ସମୟ।

**କନ୍ୟା** ସ୍ୱାସ୍ଥ୍ୟରେ ଥକାପଣ ବଢ଼ିବ। ବିଶ୍ରାମ ନିଅନ୍ତୁ। ଅର୍ଥପ୍ରାପ୍ତି ଯୋଗ ଅଛି। ସାମାଜିକ ଉତ୍ସବରେ ଭାଗ ନେବେ। ବିଦେଶ ଯାତ୍ରା ଯୋଗ ଅଛି। ପ୍ରେମିକମାନେ ନିଜ ଭିତରେ ଅନ୍ୟ ଲୋକଙ୍କ ପ୍ରବେଶ କରାଇ ଦିଅନ୍ତୁ ନାହିଁ।

**ତୁଳା** ଶରୀର ସୁସ୍ଥ ରହିବ। ସାକାରାତ୍ମକ ଯୋଗ ଆର୍ଥିକ କ୍ଷେତ୍ରରେ ଦେଖାଦେବ। ଅତିଥି ଆସିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ମନ ଅସ୍ଥିର ରହିବ। ଛାତ୍ରମାନେ ପାଠାରୁ ଦୂରେଇ ରହିବେ।

**ବିଛା** ରୋଗରୁ ମୁକ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ କଠିନତା ସମାନା କରିବେ। ପରିବାରରେ ଲଘୁଜନ ମାନଙ୍କ ସହ ବିବାଦ ହୋଇପାରେ। ଅପୂର୍ଣ୍ଣ କାର୍ଯ୍ୟ ଗୁଡିକ ସମ୍ପୂର୍ଣ୍ଣ ହେବ। ଜୀବନ ସାଥୀଙ୍କ ସହ ବହୁତ ସମୟ ବିତାଇବେ।

**ଧନୁ** ବେମାରୀ ପୂର୍ବରୁ ଔଷଧ ଖାଆନ୍ତୁ। ପରିବାରରେ ଶାନ୍ତି ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ବିଦେଶ ଯାତ୍ରା କରିପାରନ୍ତି। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ କିଛି କଷ୍ଟ ହୋଇପାରେ।

**ମକର** ଆବଶ୍ୟକତା ଠାରୁ ଅଧିକ କାମ କରନ୍ତୁ। ସମ୍ପତ୍ତିଗତ ସମସ୍ୟା ଦୂର ହେବ। ପରିବାରର ସମସ୍ତେ ଆପଣଙ୍କୁ ଭଲ ପାଇବେ। କାର୍ଯ୍ୟ କ୍ଷେତ୍ର ନିଜର ବାକ୍ୟରେ ସଂଯମତା ରଖନ୍ତୁ।

**କୁମ୍ଭ** ପରିବାରରେ କାହାର ସ୍ୱାସ୍ଥ୍ୟ ଖରାପ ପାଇଁ ଚିନ୍ତିତ ରହିବେ। ନୂଆ ସ୍ରୋତରୁ ଧନପ୍ରାପ୍ତି ଯୋଗ ଅଛି। ପରିବାର ସମୟ କଟାଇବେ। ପଦୋନ୍ନତି ଓ ସ୍ଥାନାନ୍ତର ଯୋଗ ଅଛି। ପ୍ରେମରେ ମନ ଖୋଲି ପ୍ରସ୍ତାବ ରଖନ୍ତୁ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** କୌଣସି ପୁରୁଣା ରୋଗରୁ ମୁକ୍ତ ହେବେ। ଅନେକ ଦିନରୁ ଅଟକି ରହିଥିବା ପଇସା ମିଳିବ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କାର୍ଯ୍ୟକ୍ଷେତ୍ରରେ କୌଣସି କାର୍ଯ୍ୟ କରିବା ଆଗରୁ ବିଚାର କରନ୍ତୁ। ସମସ୍ୟା ହୋଇପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କରୋନାର ନୂଆ ରୂପ 'ଡେଲଟା ପ୍ଲସ'



**ନୂଆଦିଲ୍ଲୀ :** ଭାରତରେ କରୋନାର ଦ୍ୱିତୀୟ ଲହର ପାଇଁ ଦାୟୀ କରୋନା ଭାଇରସର ଡେଲଟା ଭାରିଏଣ୍ଟ ଏବେ ପୁଣି ତା'ର ରୂପ ବଦଳାଇଛି। ସବୁଥର ଭଳି ଏଥର ବି ଭାଇରସ ନୂଆ ଭାରିଏଣ୍ଟ ଓ ବିପଜ୍ଜନକ ରୂପ ସହ ସାମ୍ନାକୁ ଆସିଛି। ଡେଲଟାର ଏହି ନୂତନ ଭାରିଏଣ୍ଟର ନାଁ 'ଡେଲଟା ପ୍ଲସ୍' ବା 'ଏୱାଇ୧' ରଖାଯାଇଛି। ତେବେ ଭାରତରେ ଏହି ଡେଲଟା ପ୍ଲସ ଭାରିଏଣ୍ଟରେ ଆକ୍ରାନ୍ତ ହୋଇଥିବା ଲୋକଙ୍କ ସଂଖ୍ୟା ବହୁତ କମ ବୋଲି ବୈଜ୍ଞାନିକମାନେ କହିଛନ୍ତି। ହେଲେ ଆଗକୁ ଏହା ମାରାତ୍ମକ ରୂପ ନେବାର ଆଶଙ୍କା ରହିଛି। ଭାରତରେ ଚିହ୍ନଟ ହୋଇଥିବା ଡେଲଯା ବା ବି୧.୬୧୭.୨ ଭାରିଏଣ୍ଟ ରୂପ ବଦଳାଇ 'ଡେଲଟା ପ୍ଲସ' ଭାରିଏଣ୍ଟରେ ପରିଣତ ହୋଇଛି। ମୋନୋକ୍ଲୋନାଲ ଆଣ୍ଟିବଡି କକଟେଲ ଚିକିତ୍ସା ବିରୋଧରେ ମଧ ଏହି ଡେଲଟା ପ୍ଲସ ଭାରିଏଣ୍ଟ ନିଜର ପ୍ରଭାବ ଦେଖାଇପାରିବ। କରୋନା ଚିକିତ୍ସାରେ ମୋନୋକ୍ଲୋନାଲ ଆଣ୍ଟିବଡି କକଟେଲର ବ୍ୟବହାର କରିବାକୁ କିଛିଦିନ ତଳେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ ଅନୁମତି ଦେଇଥିଲା। ଦିଲ୍ଲୀ ସ୍ଥିତ ସିଏସ୍ଆଇଆର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଜେନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିର ବୈଜ୍ଞାନିକ ବିନୋଦ ସାକାରିଆ ଏକ ଟ୍ୱିଟ୍ କରି କହିଛନ୍ତି ଯେ, କେ୪୧୭ଏନ୍ ମ୍ୟୁଟେସନ ଦ୍ୱାରା ବି୧.୬୧୭.୨ ଭାରିଏଣ୍ଟ ସୃଷ୍ଟି ହୋଇଛି। ଏହା ଏୱାଇ୧ ଭାବରେ ଜଣାଶୁଣା। ସେ କହିଛନ୍ତି ଯେ, ଏହି ପରିବର୍ତ୍ତିତ ସାର୍ସ କୋଭ-୨ର ସ୍ପାଇକ୍ ପ୍ରୋଟିନରେ ଘଟିଛି। ଯାହା ମାନବ କୋଷଗୁଡିକ ଭିତରକୁ ଯାଇ ସଂକ୍ରମିତ କରିବାରେ ସହାୟକ ହୋଇଥାଏ। ଭାରତରେ କେ୪୧୭ଏନ୍ ରୋଗୀଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ଅଧିକ ହୋଇନାହିଁ। ଏହି ଭାରିଏଣ୍ଟ ଗୁଡିକ ମୁଖ୍ୟତଃ ୟୁରୋପ, ଏସିଆ ଓ ଆମେରିକା ଭଳି ଦେଶରୁ ଚିହ୍ନଟ ହୋଇଛି। ତେବେ ଏହି ନୂଆ ଭାରିଏଣ୍ଟ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ପବ୍ଲିକ ହେଲଥ ଇଂଲଣ୍ଡ ତା'ର ସଦ୍ୟତମ ରିପୋର୍ଟରେ କହିଛି, ଜୁନ୍ ୭ ସୁଦ୍ଧା ଭାରତର ୬ଟି ଜନୋମ୍ବରୁ ଡେଲଟା ପ୍ଲସ ଚିହ୍ନଟ ହୋଇଛି। ମୋଟ ୬୩ଟି ଜେନୋମ୍ବରୁ ନୂଆ କେ୪୧୭ଏନ୍ ମ୍ୟୁଟେସନ ସହ ଡେଲଟା ଭାରିଏଣ୍ଟ ଠାବ ହୋଇଛି ବୋଲି ଏହି ହେଲଥ ଏଜେନ୍ସି କହିଛି। କିନ୍ତୁ ଭାରତରେ ଏହାର ସଂଖ୍ୟା କମ ଥିବାରୁ ବର୍ତ୍ତମାନ ଏହାକୁ ନେଇ ଚିନ୍ତା କରିବା ଉଚିତ୍ ନୁହେଁ ବୋଲି କୁହାଯାଇଛି।

## ମୁଦ୍ରାସ୍ଫୀତି ହାର ୧୨.୯୪%

**ନୂଆଦିଲ୍ଲୀ :** ହୋଲସେଲ ପ୍ରାଇସ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ଉପରେ ଆଧାରିତ ମୁଦ୍ରାସ୍ଫୀତି ମେ' ମାସରେ ସର୍ବକାଳୀନ ରେକର୍ଡ କରିଛି। ମେ' ମାସରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୨.୯୪%ରେ ପହଞ୍ଚି ଯାଇଛି। ଅଶୋଧିତ ତୈଳ ଓ ଉତ୍ପାଦନ ସାମଗ୍ରୀର ମୂଲ୍ୟ ବଢୁଥିବାରୁ ହୋଲସେଲ ମୁଦ୍ରାସ୍ଫୀତିରେ ଏହିପରି ବୃଦ୍ଧି ଦେଖିବାକୁ ମିଳିଛି। କ୍ରମାଗତ ୫ମ ଥର ପାଇଁ ଡବ୍ଲ୍ୟୁପିଆଇରେ ଏପରି ରେକର୍ଡ ବୃଦ୍ଧି ଘଟିଛି। ଏପ୍ରିଲରେ ଏହା ୧୦.୪% ରହିଥିଲା, ଯାହା ୧୧ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୦ ମେ' ମାସରେ ହୋଲସେଲ ମୁଦ୍ରାସ୍ଫୀତି ହାର (-) ୩.୩୭% ରହିଥିଲା। ବାଣିଜ୍ୟିକ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଲୋ ବେସ୍ ଇଫେକ୍ଟ ଓ ଅଶୋଧିତ ତୈଳର ମୂଲ୍ୟବୃଦ୍ଧି ଯୋଗୁ ୨୦୨୧ ମାସରେ ମୁଦ୍ରାସ୍ଫୀତି ସର୍ବାଧିକ ସ୍ତରରେ ରହିଛି। ଉତ୍ପାଦନ ସାମଗ୍ରୀରେ ମୂଲ୍ୟବୃଦ୍ଧି ମଧ ଏହାର ଅନ୍ୟ ଏକ କାରଣ।

## ଟିକାକରଣ ପାଇଁ ଅନ୍‌ଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ନୁହେଁ



**ନୂଆଦିଲ୍ଲୀ :** ଟିକାକରଣ ନେଇ କେନ୍ଦ୍ର ସରକାର ବଡ ନିଷ୍ପତ୍ତି ନେଇଛନ୍ତି। ଏଣିକି ୧୮ ବର୍ଷରୁ ଅଧିକ ବ୍ୟକ୍ତି ସିଧାସଳଖ ଟିକାକରଣ କେନ୍ଦ୍ରକୁ ଯାଇ ନିଜ ନାଁ ପଞ୍ଜିକରଣ କରିପାରିବେ। ଏହାପରେ ସେହି ଟିକାକରଣ କେନ୍ଦ୍ରରେ ଟିକା ନେଇପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବପରି ଅନଲାଇନରେ ପଞ୍ଜିକରଣ କରିବା କିମ୍ବା ଟିକା ନେବା ପାଇଁ ପୂର୍ବରୁ ଆଉ ସମୟ ନେବାକୁ ପଡିବ ନାହିଁ। ଗ୍ରାମାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଟିକାକରଣର ଗତି ମନ୍ଥର ହୋଇଯାଇଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାଛଡା ଟିକା ନେବାକୁ ଅନେକ ଅମଙ୍ଗ ହେଉଥିବାରୁ ମଧ ଟିକାକରଣ ପାଇଁ ଏଭଳି କୋହଳ ନୀତି ଅବଲମ୍ବନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନଲାଇନ ପଞ୍ଜିକରଣ ଭଳି ସମସ୍ୟା ପାଇଁ ଅନେକ ଲୋକ ଟିକା ନେଇପାରୁନାହାନ୍ତି। ୧୮ ରୁ ୪୪ ବର୍ଷ ଭିତରେ ରହିଥିବା ଏକ ବଡ ଜନସଂଖ୍ୟାକୁ କମ ସମୟ ଭିତରେ ଟିକାକରଣ କରାଯିବାର ଆବଶ୍ୟକତା ଅଛି ବୋଲି ବିଶେଷଜ୍ଞମାନେ ଜୋର ଦେଉଛନ୍ତି। କାରଣ ଟିକା ନେବା ପରେ ହିଁ କରୋନାକୁ ରୋକାଯାଇପାରିବ ଓ ଏଥିସହ ଅର୍ଥନୀତି ପୁଣି ଆଗକୁ ବଢ଼ିବ। ଆଜି ଉଭୟ ଦେଶରେ ଓ ରାଜ୍ୟରେ ଦୈନିକ ସଂକ୍ରମଣ କମିଛି। ଦେଶରେ ସଂକ୍ରମଣ ହାର ମଧ ଉତ୍ସାହଜନକ ଭାବେ କମିଛି। ମୁଖ୍ୟତଃ ଗତ ଦୁଇ ସପ୍ତାହ ଭିତରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ତୃତୀୟ ଲହରର ଆଶଙ୍କା ଭିତରେ ଏବେ ବ୍ୟାପକ ଆକାରରେ ଟିକାକରଣ ନିହାତି ଆବଶ୍ୟକ ହୋଇପଡିଛି।

## ଜୁଲାଇ ୩୦ ସୁଦ୍ଧା ସିବିଏସ୍‌ଇ ଫଳ




**ନୂଆଦିଲ୍ଲୀ :** କୋଭିଡ୍-୧୯ର ଦ୍ୱିତୀୟ ଲହର କାରଣରୁ ସରକାର ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିବିଏସ୍‌ଇ ଦଶମ, ଏକାଦଶ ଓ ଦ୍ୱାଦଶ ପରୀକ୍ଷା ବାତିଲ କରିଥିଲେ। ଛାତ୍ରଛାତ୍ରୀଙ୍କର ମେଧାକୁ ଭିତ୍ତିକରି ପରୀକ୍ଷା ଫଳ ପ୍ରକାଶ କରାଯିବାକୁ ଘୋଷଣା କରାଯାଇଥିଲା। ଏହାକୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ମଧ ରୁଜୁ ହୋଇଥିଲା। ଗୁରୁବାର ଦିନ ସରକାର ମାନ୍ୟବର ସର୍ବୋଚ୍ଚ ଅଦାଲଙ୍କ ନିକଟରେ କହିଛନ୍ତି ଯେ, ଆଗାମୀ ଜୁଲାଇ ୩୧ ସୁଦ୍ଧା ସିବିଏସ୍‌ଇ ପରୀକ୍ଷା ଫଳ ଘୋଷଣା କରାଯିବ। ଏ ସମ୍ପର୍କିତ ମାମଲାର ଶୁଣାଣି ସମୟରେ ଭାରତର ଆଟର୍ଣ୍ଣି ଜେନେରାଲ କେ କେ ବେଣୁଗୋପାଳ କହିଥିଲେ ଯେ, ଜୁଲାଇ ୩୧ ସୁଦ୍ଧା ସିବିଏସ୍‌ଇ ଦଶମ, ଏକାଦଶ ଓ ଦ୍ୱାଦଶ ପରୀକ୍ଷା ଫଳ ଘୋଷଣା କରିବାକୁ ପଦକ୍ଷେପ ନିଆଯାଉଛି। ଆଜି ସିବିଏସ୍‌ଇ ପକ୍ଷରୁ ଜଷ୍ଟିସ ଏମଏ ଖାନୱିଲକର ଓ ଜଷ୍ଟିସ ଦୀନେଶ ମାହେଶ୍ୱରଙ୍କ ଖଣ୍ଡପୀଠକୁ କହିଛି ଯେ ୪୦:୩୦:୩୦ ଅନୁଯାୟୀ ପିଲାମାନଙ୍କୁ ମାର୍କ ଦିଆଯିବ। ଦ୍ୱାଦଶ ଶ୍ରେଣୀର ପ୍ରି ବୋର୍ଡ ପରୀକ୍ଷାର ୪୦% ମାର୍କ, ଏକାଦଶର ୩୦ ଓ ୧୦ମ ଶ୍ରେଣୀର ୩୦% ମାର୍କକୁ ବିଚାରକୁ ନିଆଯାଇ ଦ୍ୱାଦଶ ଶ୍ରେଣୀର ରେଜଲ୍ଟ ଘୋଷଣା କରାଯିବ। ଏହାଫଳରେ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶନ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଆଶଙ୍କା ଦୂର ହୋଇଛି। ଏଥିସହିତ ଛାତ୍ରଛାତ୍ରୀଙ୍କୁ କେଉଁ ଆଧାରରେ ନମ୍ବର ଦିଆଯିବ, ତାହା ମଧ ବିସ୍ତୃତ ଭାବରେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଆଟର୍ଣ୍ଣି ଜେନେରାଲ ଶ୍ରୀ ବେଣୁଗୋପାଳ କହିଥିଲେ ଯେ, ସିବିଏସ୍‌ଇ ଦଶମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀ ପାଞ୍ଚଟି ବିଷୟ ମଧ୍ୟରୁ ଯେଉଁ ତିନୋଟି ବିଷୟରେ ସର୍ବାଧିକ ନମ୍ବର ରଖିଥିବେ ତାହା ବିଚାରକୁ ନିଆଯିବ। ଦ୍ୱାଦଶ ଶ୍ରେଣୀ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ୟୁନିଟ୍, ଟର୍ମ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବରକୁ ହିସାବକୁ ନିଆଯିବ। ଯେଉଁ ଛାତ୍ରଛାତ୍ରୀ ଏହି ନମ୍ବର ଅଥବା ଗ୍ରେଡରେ ସନ୍ତୁଷ୍ଟ ହେବେନାହିଁ, ସେମାନେ ପୂର୍ବ ବ୍ୟବସ୍ଥା ଅନୁଯାୟୀ ଲିଖିତ ପରୀକ୍ଷା ଦେଇପାରିବେ। ସୂଚନାଯୋଗ୍ୟ ଯେ, ସିବିଏସ୍‌ଇ ପରୀକ୍ଷା ବାତିଲ ହେବା ପରେ ଛାତ୍ରଛାତ୍ରୀଙ୍କୁ ନମ୍ବର ଅଥବା ଗ୍ରେଡ୍ ପ୍ରଦାନ କରିବା ପାଇଁ ୧୨ ସଦସ୍ୟଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ବିପିନ କୁମାର ମଧ ସଦସ୍ୟ ରହିଛନ୍ତି। କମିଟି ନିର୍ଦ୍ଧାରଣ କରିଥିବା ନୀତି ଅନୁଯାୟୀ ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ନିମନ୍ତେ ପ୍ରତିବର୍ଷର ଆଭ୍ୟନ୍ତରୀଣ ଆକଳନ ନିମନ୍ତେ ପ୍ରତ୍ୟେକ ବିଷୟ ପାଇଁ ୨୦ ନମ୍ବର ଏବଂ ବର୍ଷତମାମ ଛାତ୍ରଛାତ୍ରୀ ବିଭିନ୍ନ ପରୀକ୍ଷାରେ କରୁଥିବା ପ୍ରଦର୍ଶନ ଭିତ୍ତିରେ ୮୦ ନମ୍ବରକୁ ହିସାବକୁ ନିଆଯିବ।

## 'ଜାମିନ ଆବେଦନର ଶୁଣାଣି ନ ହେବା ଅଭିଯୁକ୍ତଙ୍କ ଅଧିକାରର ଉଲ୍ଲଙ୍ଘନ'




**ନୂଆଦିଲ୍ଲୀ:** ଏକାଧିକ ହାଇକୋର୍ଟ ଅଭିଯୁକ୍ତମାନଙ୍କର ଜାମିନକୁ ଶୁଣାଣି କରିବାକୁ ମନା କରୁଥିବାରୁ ଏହା ଉପରେ ଦେଶର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ଦୀର୍ଘଦିନ ଧରି ଅଭିଯୁକ୍ତମାନଙ୍କର ଜାମିନ ଆବେଦନର ଶୁଣାଣି ନ ହେବା ସେମାନଙ୍କର ଅଧିକାର ଓ ସ୍ୱତନ୍ତ୍ରତାର ଉଲ୍ଲଙ୍ଘନ। ଜାମିନ ଆବେଦନର ଶୁଣାଣି ନ ହେଲେ ଏହା ସମ୍ବିଧାନରେ ଅଭିଯୁକ୍ତମାନଙ୍କୁ ଦିଆଯାଇଥିବା ଅଧିକାରକୁ କ୍ଷୁଣ୍ଣ କରିବ। ଏପରି କି ମହାମାରୀ ସମୟରେ ମଧ ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ସମୟ ଅନୁସାରେ କରିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପଞ୍ଜାବ ଓ ହରିଆଣା ହାଇକୋର୍ଟ ବର୍ଷରୁ ଅଧିକ ସମୟ ହେଲା ଜଣେ ବ୍ୟକ୍ତିଙ୍କ ଜାମିନ ଆବେଦନର ଶୁଣାଣି କରୁ ନଥିବାରୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ହେମନ୍ତ ଗୁପ୍ତା ଓ ଜଷ୍ଟିସ ଭି ରାମାସୁବ୍ରମଣିଅନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହାଇକୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନର ତ୍ୱରିତ ଶୁଣାଣିକୁ ଅଗ୍ରାହ୍ୟ କରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି, ସାଧାରଣତଃ ଆମେ ହାଇକୋର୍ଟମାନଙ୍କ ଅନ୍ତରୀଣ ନିର୍ଦ୍ଦେଶରେ ହସ୍ତକ୍ଷେପ କରି ନଥାଉ। କିନ୍ତୁ ଏହି ମାମଲାରେ ଆମେ ହସ୍ତକ୍ଷେପ କରିବାକୁ ବାଧ ହେଉଛୁ। କାରଣ ସିଆରପିସିର ୩୪୯ ସେକସନ୍‌ର ଜାମିନ ଆବେଦନର ଶୁଣାଣି ବର୍ଷେରୁ ଅଧିକ ସମୟ ହେଲାଣି ପଡ଼ି ରହିଛି। ଆବେଦନର ଶୁଣାଣି ହେବାର ଅଧିକାର ଜଣେ ଅଭିଯୁକ୍ତଙ୍କ ପାଖରେ ରହିଛି। ଏପରି ସ୍ଥିତିରେ ଅଭିଯୁକ୍ତଙ୍କ ଆବେଦନର ଶୁଣାଣି ନ କରିବା, ତାଙ୍କ ଅଧିକାର ଓ ସ୍ୱତନ୍ତ୍ରତାକୁ ଉଲ୍ଲଙ୍ଘନ କରୁଛି। ତେଣୁ ଆମେ ଆଶା କରିବୁ ଯେ ହାଇକୋର୍ଟ ଯଥାଶୀଘ୍ର ଅଭିଯୁକ୍ତଙ୍କ ଆବେଦନର ଶୁଣାଣି କରନ୍ତୁ। ଏଥିସହ ତାଙ୍କୁ ମିଳିଥିବା ଅଧିକାର ଯେମିତି କ୍ଷୁଣ୍ଣ ନ ହେବ, ତା'ର ବ୍ୟବସ୍ଥା ମଧ କରିବା ଉଚିତ। ମହାମାରୀ ସମୟରେ ସମସ୍ତ କୋର୍ଟ ଆବେଦନର ଶୁଣାଣି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏପରି ଏକ ମାମଲା ଶୁଣାଣି ପାଇଁ ତାଲିକା ଭୁକ୍ତ ନ ହେବା ନିଶ୍ଚିତ ନ୍ୟାୟ ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ବିକଳ୍ପ ଦିନ ମାନଙ୍କରେ ଅତିକମରେ ଅଳ୍ପସଂଖ୍ୟକ ବିଚାରପତିମାନେ ଆବେଦନର ଶୁଣାଣି କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ନିୟମିତ ଜାମିନ ଆବେଦନକୁ ଶୁଣାଣି ପାଇଁ ତାଲିକା ଭୁକ୍ତ ନ କରିବା ହେପାଜତରେ ଥିବା ବ୍ୟକ୍ତିଙ୍କ ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରୁଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ପିଲାଙ୍କୁ ମୋବାଇଲ ଆପ୍ ତିଆରି ପାଇଁ ମିଳୁଛି ପ୍ରେରଣା



**ନୂଆଦିଲ୍ଲୀ:** କୋଡିଂ ଓ ଗଣିତ ବିଷୟରେ ଅନ୍‌ଲାଇନ କ୍ଲାସ ଯୋଗାଇ ଦେଉଥିବା ଏକ ଅଗ୍ରଣୀ ଏଡଟେକ କମ୍ପାନୀ ହ୍ୱାଇଟହ୍ୟାଟ ଜୁନିୟର ସମାଜ ଉପରେ ପ୍ରଭାବ ପକାଇବାକୁ ଲକ୍ଷ୍ୟ ରଖୁଥିବା ମୋବାଇଲ ଆପ୍ଲିକେସନ ସୃଷ୍ଟି କରିବା ଦିଗରେ ପିଲାମାନଙ୍କୁ ପ୍ରେରିତ କରିବାକୁ ଅଗ୍ରଣୀ ଅଣ ସରକାରୀ ସଂଗଠନ ସିଆରୱାଇ ସହିତ ହାତ ମିଳାଇଛି। ଏହି ନୂଆ ସହଭାଗିତାର ଅଂଶସ୍ୱରୂପ ସମାଜରେ ସକାରାତ୍ମକ ପ୍ରଭାବ ପକାଇବା ପ୍ରୟାସକୁ ଆଗେଇ ନେବାଭଳି ମୋବାଇଲ ଆପ୍ ପ୍ରସ୍ତୁତ କରୁଥିବା ଅଂଶଗ୍ରହଣକାରୀ ହ୍ୱାଇଟହ୍ୟାଟ ଜୁନିୟର ଛାତ୍ରଛାତ୍ରୀଙ୍କୁ ସିଆରୱାଇ ସ୍ୱୀକୃତି/ ପ୍ରମାଣପତ୍ର ପ୍ରଦାନ କରିବ। ଏହି ପ୍ରକଳ୍ପ ପିଲାଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଚିନ୍ତାଧାରା ଉପରେ ଆଧାରିତ। ଗତ ଦୁଇବର୍ଷ ମଧ୍ୟରେ ହ୍ୱାଇଟହ୍ୟାଟ ଜୁନିୟର ଛାତ୍ରଛାତ୍ରୀମାନେ ସାମାଜିକ ପ୍ରଭାବ ପକାଉଥିବା ବିଷୟବସ୍ତୁକୁ କେନ୍ଦ୍ରକରି ଶତାଧିକ ମୋବାଇଲ ଆପ୍ ପ୍ରସ୍ତୁତ କରିଛନ୍ତି। ଏଥିମଧ୍ୟରେ ଖାଦ୍ୟ ଦାନ, ରକ୍ତ/ଅଙ୍ଗ ଦାନ, ବୟସ୍କଙ୍କ ଯତ୍ନ, ଶିକ୍ଷା, ଶାରୀରିକ/ ମାନସିକ ଭିନ୍ନକ୍ଷମ ଲୋକଙ୍କୁ ସହାୟତା, ଜରୁରୀ କାଳୀନ ଯତ୍ନ, ପିଲାଙ୍କୁ ସହାୟତା ଏବଂ କୋଭିଡ ସହାୟତା ଆପ୍ ଆଦି ଅନ୍ତର୍ଭୁକ୍ତ। ହ୍ୱାଇଟ୍‌ହ୍ୟାଟ ଜୁନିୟରର ପ୍ରତିଷ୍ଠାତା ଏବଂ ସିଇଓ କରନ ବଜାଜ କହିଛନ୍ତି, ଅବହେଳିତଙ୍କୁ ସହାୟତା କରିବା ଅଥବା ସମାଜ ପ୍ରତି ଅବଦାନ ରଖିବା ଦିଗରେ ସହାୟତା କରିବା ଲକ୍ଷ୍ୟନେଇ ମୋବାଇଲ ଆପ୍ଲିକେସନ ପ୍ରସ୍ତୁତ କରିବାକୁ ଚାହୁଥିବା ଛାତ୍ରଛାତ୍ରୀଙ୍କ ନିକଟରୁ ପ୍ରତି ମାସରେ ଶତାଧିକ ପ୍ରସ୍ତାବ ଆସୁଛି।

## ଭାରତ ହେଉଛି ବିଶ୍ୱର ସର୍ବାଧିକ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମର କ୍ଷେତ୍ର : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସିଂ ମୋଡ଼ରେ ଭିଭା ଟେକ୍ର ପଞ୍ଚମ ସଂସ୍କରଣ ସମାରୋହରେ ଉଦବୋଧନ ଦେଇଛନ୍ତି। ଭିଭା ଟେକ୍ ୨୦୨୧ରେ ସମ୍ମାନୀୟ ଅତିଥି ଭାବେ ଆମନ୍ତ୍ରିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ମୁଖ୍ୟ ଭାଷଣ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଭିଭା ଟେକ୍ ୟୁରୋପର ସର୍ବବୃହତ୍ ଡିଜିଟାଲ ଏବଂ ଷ୍ଟାର୍ଟ ଅପ୍ ସମାରୋହମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ୨୦୧୬ ମସିହା ଠାରୁ ଏହି ସମ୍ମିଳନୀ ପ୍ରତିବର୍ଷ ପ୍ୟାରିସଠାରେ ଅନୁଷ୍ଠିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟ ପ୍ରଦାନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଭାରତ ଏବଂ ଫ୍ରାନ୍ସ ଅନେକ କ୍ଷେତ୍ରରେ କାନ୍ଧକୁ କାନ୍ଧ ମିଳାଇ ଘନିଷ୍ଠତାର ସହ କାର୍ଯ୍ୟ କରି ଆସୁଛନ୍ତି। ସେହିସବୁ କ୍ଷେତ୍ରଗୁଡ଼ିକ ମଧ୍ୟରେ ପ୍ରଯୁକ୍ତି ଏବଂ ଡିଜିଟାଲ କ୍ଷେତ୍ର ହେଉଛି ସବୁଠାରୁ ଅଧିକତର ପ୍ରଗତି ପରିଲକ୍ଷିତ ହୋଇଥିବା ସହଯୋଗର କ୍ଷେତ୍ରୟ ଏହା ସମୟର ଆହ୍ୱାନ ଯେ ଏପରି କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବା ଆବଶ୍ୟକ। ତଦ୍ୱାରା କେବଳ ଆମ ଦୁଇ ରାଷ୍ଟ୍ରର ନୁହେଁ ସାମଗ୍ରିକ ଭାବେ ସମଗ୍ର ବିଶ୍ୱ ଏଥିରୁ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୂଚାଇ ଥିଲେ ଯେ ଇନ୍ଫୋସିସ୍ ଏବେ ଫରାସୀ ଓପନ୍ ଟୁର୍ଣ୍ଣାମେଣ୍ଟ ସକାଶେ ପ୍ରଯୁକ୍ତିଗତ ସହାୟତା ଯୋଗାଇ ଦେଉଛି ଏବଂ ଏଥିରେ ଆଟୋସ୍, କାପଜେମିନୀ ଭଳି ଫରାସୀ କମ୍ପାନୀ ଏବଂ ଟିସିଏସ ଓ ୱିପ୍ରୋ ଭଳି ଭାରତୀୟ କମ୍ପାନୀମାନେ ସହଯୋଗ ଯୋଗାଇ ଦେବାରେ ମଧ ସାମିଲ ଅଛନ୍ତି। ଦୁଇ ରାଷ୍ଟ୍ରର ଏହିସବୁ ଆଇଟି ଟାଲେଣ୍ଟ୍ ସମଗ୍ର ବିଶ୍ୱର ବିଭିନ୍ନ କମ୍ପାନୀ ତଥା ନାଗରିକମାନଙ୍କୁ ସେମାନଙ୍କର ସେବା ଯୋଗାଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଯେଉଁଠାରେ ପରମ୍ପରା ବିଫଳ ହୁଏ ସେଠାରେ ଅଭିନବତ୍ୱ ହିଁ କାର୍ଯ୍ୟକ୍ଷମ ଓ ସହାୟକ ହୋଇଥାଏ। କରୋନା ମହାମାରୀ ସମୟରେ ଡିଜିଟାଲ ପ୍ରଯୁକ୍ତି ବିଭିନ୍ନ ପରିସ୍ଥିତି ସହିତ ଉପଯୁକ୍ତ ତାଳମେଳ ରକ୍ଷା, ସଂଯୋଗରେ ରହିବା ଏବଂ ଅନ୍ୟମାନଙ୍କୁ ଉପଶମ ତଥା ସମବେଦନା ପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଭାରତର ବୈଶ୍ୱିକ ଏବଂ ଅଭିନବ ବାୟୋମେଟ୍ରିକ୍ ଡିଜିଟାଲ ପରିଚୟ ବ୍ୟବସ୍ଥା- ଆଧାର-ଗରିବ ଲୋକମାନଙ୍କୁ ଉପଯୁକ୍ତ ସମୟରେ ଆର୍ଥିକ ସହାୟତା ଯୋଗାଇ ଦେବାରେ ବେଶ୍ ଉପକାରସିଦ୍ଧ ବୋଲି ପ୍ରମାଣିତ ହୋଇଛି। ଆମେ ଏହି ମହାମାରୀ କାଳରେ ଦେଶର ୮୦୦ ନିୟୁତ ଲୋକଙ୍କୁ ମାଗଣାରେ ଖାଦ୍ୟାନ୍ନ ଯୋଗାଇ ପାରିଛୁ ଏବଂ ଅନେକ ପରିବାରଙ୍କୁ ରନ୍ଧନ ଇନ୍ଧନରେ ସବସିଡ଼ି ମଧ ଯୋଗାଇ ଦେଇଛୁ। ଆମେ ଭାରତରେ ଦୁଇଟି ସରକାରୀ ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ - ସ୍ୱୟମ୍ ଏବଂ ଦୀକ୍ଷା - ଖୁବ୍ କମ୍ ସମୟ ଭିତରେ କାର୍ଯ୍ୟକାରୀ କରିପାରିଛୁ ଯଦ୍ୱାରା ଏହା ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ ସହାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ସୂଚୀତ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କରୋନା ମହାମାରୀ କାଳରେ ମୁଣ୍ଡ ଟେକିଥିବା ବିଭିନ୍ନ ପ୍ରକାର ଚାଲେଞ୍ଜର ମୁକାବିଲା କରିବା ଦିଗରେ ଷ୍ଟାର୍ଟ ଅପ୍ ସେକ୍ଟରର ଭୂମିକାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିଭଳି ପିପିଇ କିଟ୍, ମାସ୍କ, ଟେଷ୍ଟିଂ କିଟ୍ ଇତ୍ୟାଦିର ଚାହିଦା ପୂରଣ ନିମନ୍ତେ ଘରୋଇ କ୍ଷେତ୍ର ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ସେ କହିଥିଲେ। ଡାକ୍ତରମାନେ ଟେଲି ମେଡ଼ିସିନ୍ ବ୍ୟବସ୍ଥାକୁ ବ୍ୟାପକ ଭାବେ ଗ୍ରହଣ କରିଥିଲେ ଯଦ୍ୱାରା ଅନେକ କୋଭିଡ୍ ଏବଂ ଅଣ କୋଭିଡ୍ ପ୍ରସଙ୍ଗକୁ ଭର୍ଚୁଆଲ୍ ମୋଡ଼ରେ ହିଁ ସମାଧାନ କରାଯାଇ ପାରିଥିଲା। ଭାରତରେ ଏବେ ଦୁଇଟି କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇଛି ଏବଂ ଆହୁରି ଅନେକ ଟିକା ବିକାଶମୂଳକ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। ପ୍ରଧାନମନ୍ତ୍ରୀ ସୂଚୀତ କରିଥିଲେ ଯେ ନିଜସ୍ୱ ଆଇଟି ପ୍ଲାଟ୍‌ଫର୍ମ, ଆରୋଗ୍ୟ ସେତୁ ଜରିଆରେ କଣ୍ଟାକ୍ଟ ଟ୍ରେସିଂକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିଛି। କୋୱିନ୍ ଡିଜିଟାଲ ପ୍ଲାଟଫର୍ମ ମଧ ଦେଶର କୋଟି କୋଟି ଲୋକଙ୍କୁ ଟିକାକରଣ କରିବାରେ ସକ୍ଷମ ହୋଇପାରିଛି। ପ୍ରଧାନମନ୍ତ୍ରୀ କହିଲେ ଯେ ଭାରତ ହେଉଛି ବିଶ୍ୱର ସର୍ବାଧିକ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମର ଆବାସସ୍ଥଳୀ। ନିକଟ ଅତୀତରେ ଅନେକ ୟୁନିକର୍ଣ୍ଣ ସଂସ୍ଥା ଏଠାରେ ଆରମ୍ଭ ହୋଇଛି। ଭାରତ ଅଭିନବତ୍ୱରେ ପ୍ରୟାସୀ ତଥା ନିବେଶକ ମାନଙ୍କ ପାଇଁ ସଦାବେଳେ ଅନୁକୂଳ ବାତାବରଣ ପ୍ରଦାନ କରିଥାଏ ଏବଂ ଏବେ ସେମାନଙ୍କୁ ଦେଶକୁ ଆମନ୍ତ୍ରଣ ଜଣାଉଛି। ସେମାନେ ଆବଶ୍ୟକ କରୁଥିବା ସକଳ ପ୍ରକାର ସାଧନ ଏଠାରେ ଉପଲବ୍ଧ ଏବଂ ସେମାନଙ୍କୁ ଯୋଗାଇ ଦିଆଯିବ। ତେଣୁ ସମଗ୍ର ବିଶ୍ୱ ଭାରତରେ ନିବେଶ ପାଇଁ ଆଗେଇ ଆସନ୍ତୁ। ଭାରତରେ ସେମାନଙ୍କୁ ପାଞ୍ଚଟି ସ୍ତମ୍ଭ ଉପରେ ଆଧାରିତ ପ୍ରଜ୍ଞା, ବଜାର, ପୁଞ୍ଜି, ବାତାବରଣ ଏବଂ ମୁକ୍ତ ସଂସ୍କୃତି ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ନିବେଶ ହେବ ୮୫୦୦ କୋଟି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଫୋକସ୍‌ରେ ସ୍ୱାସ୍ଥ୍ୟ ସେବା ରହିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବାରେ ୮୫୦୦ କୋଟି ଟଙ୍କାରୁ ଅଧିକ ନିବେଶ ହେଉଛି। ଗତ କିଛି ବର୍ଷ ହେଲା ଅଧିକ ମାନବ ସମ୍ବଳ ନିଯୁକ୍ତି ଦେଇ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବନିଯୁକ୍ତ ୭୮୬ ଡାକ୍ତରଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ସମ୍ବୋଧିତ କରି କହିଲେ ଯେ ବର୍ତ୍ତମାନର ମହାମାରୀ ସମୟରେ ଡାକ୍ତରଙ୍କ ଭୂମିକା ପ୍ରଶଂସନୀୟ। ଡାକ୍ତରଙ୍କର ସମାଜରେ ଏକ ସ୍ୱତନ୍ତ୍ର ସମ୍ମାନ ରହିଛି। ଜୀବନ-ମୃତ୍ୟୁର ସ୍ଥିତିରେ ଲୋକମାନେ ଡାକ୍ତରଙ୍କୁ ଭଗବାନ ପରି ମାନନ୍ତିୟ ସମ୍ପ୍ରତି କୋଭିଡ୍ ମାହମାରୀ ଡାକ୍ତରମାନଙ୍କୁ ଯୋଦ୍ଧାରେ ପରିଣତ କରିଛି। ଗୋଟିଏ ବର୍ଷରୁ ଅଧିକ ସମୟ ହେଲା ଡାକ୍ତରମାନେ କୋଭିଡ୍ ବିରୋଧୀ ଯୁଦ୍ଧରେ ଆଗ ଧାଡ଼ିରେ ରହିଛନ୍ତି। ବିଶ୍ୱର ଅନ୍ୟ ଅଞ୍ଚଳ ପରି ଓଡ଼ିଶା ଉପରେ ବି କରୋନାର ସାଂଘାତିକ ପ୍ରଭାବ ପଡ଼ିଛି। ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରବଳ ଚାପ ପଡ଼ିଛି। ଦ୍ରୁତ ସଂକ୍ରମଣ ସତ୍ତ୍ୱେ ସମସ୍ତଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟସେବାରେ ଥିବା ବ୍ୟକ୍ତିମାନଙ୍କ ନିଷ୍ଠାପର ମନୋଭାବ ଯୋଗୁ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ଆମେ ବହୁ ଜୀବନ ବଞ୍ଚାଇ ପାରିଛୁ। କୋଭିଡ୍ ବିରୋଧୀ ଲଢ଼େଇ ଏ ଯାଏ ଶେଷ ହୋଇନି। ନବନିଯୁକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଆପଣମାନଙ୍କ ଜୀବନରେ ଏକ ଉଲ୍ଲେଖନୀୟ ଦିନ। ଦୀର୍ଘ ବର୍ଷର ନିଷ୍ଠା, ପରିଶ୍ରମ ଓ ଶିକ୍ଷା ଗ୍ରହଣ ପରେ ଏହି ସଫଳତା ହାସଲ କରିଛନ୍ତି। ଆପଣମାନଙ୍କ ପରିବାର ଆପଣଙ୍କ ସଫଳଦତା ପାଇଁ ଗର୍ବିତ। ଆପଣମାନେ ଏବେ ସମାଜରେ ରୋଲ୍ ମଡେଲ୍। ଦେଶରେ କରୋନାର ଦ୍ୱିତୀୟ ଲହର ଚାଲିଥିଲା ବେଳେ ଏକ ଆହ୍ୱାନପୂର୍ଣ୍ଣ



ସମୟରେ ଆପଣମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଯଦିଓ ଏବେ ସଂକ୍ରମଣ ହାତ କମୁଛି, ତେବେ ଆମକୁ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। କ୍ଷେତ୍ର ସ୍ତରରେ ଯୁବ ଡାକ୍ତରମାନେ ହିଁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏକ ନୂଆ ଧାରା ଆଣିପାରିବେ। ଆପଣମାନଙ୍କର ବହୁ ସିନିୟର୍ମାନେ ଦୁର୍ଗମ ଅଞ୍ଚଳରେ ନିଯୁକ୍ତି ପାଇଛନ୍ତି ଓ ସଫଳତାର ସହ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନାଗରିକଙ୍କୁ ଉଚ୍ଚକୋଟୀର ସେବା ଯୋଗାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଓଡ଼ିଶାରେ ଅଧିକ ଡାକ୍ତର ନିଯୁକ୍ତି କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ନୂଆ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ଅତି ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ୫-ଟି ସଚିବ ଭି କେ ପାଣ୍ଡିଆନ୍ ଡାକ୍ତରମାନଙ୍କ ସହ ଆଲୋଚନା କରି ୫-ଟି ଭିତ୍ତିରେ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସୁଶାସନର ମୁଖ୍ୟ ଦିଗ ହେଲା ସବୁଠାରୁ ଗରିବ ଲୋକର ସନ୍ତୋଷ ପାଇଁ ସେବା ଯୋଗାଇବା। ଶୀଘ୍ର ଓ ଫଳପ୍ରଦ ସେବା ଯୋଗାଇବା ପାଇଁ ଟେକ୍ନୋଲୋଜିର ବ୍ୟବହାର ପ୍ରକୃତ ପରିବର୍ତ୍ତନ ଆଣିପାରିବ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'କୁ ଡାକ୍ତରମାନେ ଅନୁକରଣ କରିବା ଉଚିତ। ସେହିପରି 'ମୋ ସରକାର' ବ୍ୟବସ୍ଥାକୁ ସାଧାରଣ ଜନତା ବହୁତ ପ୍ରଶଂସା କରିଛନ୍ତି। କ୍ୟାରିୟରର ଶେଷ ପର୍ଯ୍ୟନ୍ତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି କେ ମହାପାତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଚଳିତ ବର୍ଷରେ ପୁରୀରେ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ। ୨୦୨୪ ଯାଏ ପ୍ରତି ବର୍ଷ ଦୁଇଟି ଲେଖାଏ ମେଡିକାଲ କଲେଜ ଓଡ଼ିଶାରେ ଖୋଲିବ। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିଶ୍ୱ ଐତିହ୍ୟ ଗ୍ରାମ' ରଘୁରାଜପୁର ଶିଳ୍ପୀଙ୍କୁ ଆର୍ଥିକ ସହାୟତା ପ୍ରଦାନ



**ଭୁବନେଶ୍ୱର :** ମହାମାରୀ କରୋନା ଯୋଗୁ ଫଟୋଚିତ୍ର ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ପୁରୀ ଜିଲ୍ଲାର ରଘୁରାଜପୁରର ଶିଳ୍ପୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। 'ବିଶ୍ୱ ଐତିହ୍ୟ ଗ୍ରାମ'ର ମାନ୍ୟତା ପାଇଥିବା ଏହି ଗାଁର ଶିଳ୍ପୀଙ୍କ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ବୁଧବାର ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅର୍ଥରାଶି ପ୍ରଦାନ କରିବା ସହ ରଘୁରାଜପୁରକୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। କରୋନା ସମୟରେ ଏହି ଗାଁର ଲୋକଙ୍କୁ ସାହାଯ୍ୟ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିଲା ଉଦ୍ୟମ। ଜୁନ ୮ ତାରିଖରୁ ୧୬ ତାରିଖ ଯାଏଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଆରମ୍ଭ ହୋଇଥିଲା ପାରମ୍ପରିକ ଭିତ୍ତିଚିତ୍ର ଶିବିର 'ସପ୍ତରଙ୍ଗ'। ଏଥିରେ ଗାଁର ୧୫୦ ପରିବାର ଭାଗ ନେଇଥିଲେ। ପ୍ରତ୍ୟେକ ପରିବାର ନିଜ ଘର କାନ୍ଥରେ ୫୦ ବର୍ଗ ଫୁଟ୍ ଅଞ୍ଚଳରେ ପାରମ୍ପରିକ ଚିତ୍ର ଅଙ୍କନ କରିଥିଲେ। ଆଉ ଏହି କଳାକୃତୀକୁ ସ୍ୱୀକୃତି ସ୍ୱରୂପ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ବିଶ୍ୱ ଐତିହ୍ୟ ଗ୍ରାମ ରଘୁରାଜପୁରରେ ପାରମ୍ପରିକ ପଟ୍ଟଚିତ୍ର ଶିବିର 'ସପ୍ତରଙ୍ଗ'ର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ପ୍ରୋତ୍ସାହିତ କରିଥିବା ବେଳେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ଡଃ ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ପୁରୀ ଜିଲ୍ଲାପାଳ ଓ ରଘୁରାଜପୁର ଗ୍ରାମ କମିଟି ସଭାପତି ଲିଙ୍ଗରାଜ ସୁବୁଦ୍ଧି ଅଂଶଗ୍ରହଣ କରିଥିଲେ।

### ଆକାଂକ୍ଷା ଜିଲ୍ଲାର ବିକାଶ ପରଖିଲେ ନିତି ଆୟୋଗ

## ଦେଶର ଶ୍ରେଷ୍ଠ ୨୦ ଜିଲ୍ଲାରେ ରାୟଗଡ଼ା

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲ୍ଲା ଯୋଜନା ତାଲିକାରେ ରାୟଗଡ଼ା ସଫଳତା ହାସଲ କରିଛି। ଯୋଜନାର ସଫଳ ରୂପାୟନ ଯୋଗୁ ସର୍ବଭାରତୀୟ ସ୍ତରରେ ରାୟଗଡ଼ା ୧୬ତମ ସ୍ଥାନରେ ରହିଛି। ରାୟଗଡ଼ାର ଏହି ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ପ୍ରଶଂସା କରିବା ସହ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ୨୦୧୮ ମସିହାରେ ରାୟଗଡ଼ା କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲ୍ଲା ଯୋଜନା ତାଲିକାରେ ସାମିଲ୍ ହୋଇଥିଲା। ଭାରତରେ ୧୧୨ ଜିଲ୍ଲା, ଓଡ଼ିଶାର ୧୦ ଜିଲ୍ଲା ସରକାରଙ୍କ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି। ୨୦୨୨ ସୁଦ୍ଧା ରାୟଗଡ଼ାକୁ ବିକାଶର ଶୀର୍ଷସ୍ତରରେ ପହଞ୍ଚାଇବାକୁ ଆଂକାକ୍ଷା ଯୋଜନାର କାର୍ଯ୍ୟକ୍ରମକୁ ଜଣେ ଆଇପିଏସ୍ ରାଙ୍କର ନୋଡାଲ୍ ଅଧିକାରୀ ପ୍ରତି ମାସରେ ତଦାରଖ କରୁଛନ୍ତି। ୨୦୧୮ ମାର୍ଚ୍ଚରୁ ୨୦୨୦ ମାର୍ଚ୍ଚ ମାସ ମଧ୍ୟରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ନୀତି




ଆୟୋଗ କରିବା ପରେ ଗତ ୨ ବର୍ଷରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକରଣ, ଶିକ୍ଷା, କୃଷି, ଜଳସେଚନ, ଦକ୍ଷତା ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମୌଳିକ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ଆଖିଦୃଶିଆ ହୋଇଛି। ଯେଉଁଥିପାଇଁ ସର୍ବଭାରତୀୟସ୍ତରରେ ରାୟଗଡ଼ା ୧୬ତମ ସ୍ଥାନରେ ଥିବାବେଳେ ଓଡ଼ିଶା ରାଜ୍ୟ ତାଲିକାରେ ୧୦ ଜିଲ୍ଲା ମଧ୍ୟରୁ ରାୟଗଡ଼ା ଦ୍ୱିତୀୟ ସ୍ଥାନରେ ରହିଛି। ଜୁନ୍ ୧୧ରେ ନୀତି ଆୟୋଗଙ୍କ ପ୍ରକାଶିତ ରିପୋର୍ଟନୁଯାୟୀ, ରାୟଗଡ଼ା ଜିଲ୍ଲା ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି କରିଛି। ସୂଚନାଯୋଗ୍ୟ, ଦ୍ୱି-ବାର୍ଷିକ ରିପୋର୍ଟ ପୂର୍ବରୁ ୨୦୨୦ ଅକ୍ଟୋବର ମାସରେ ନୀତି ଆୟୋଗଙ୍କ ମାସିକିଆ ରିପୋର୍ଟ କାର୍ଡରେ ରାୟଗଡ଼ା ସର୍ବଭାରତୀୟ ସ୍ତରରେ ୫ମ ସ୍ଥାନରେ ଥିଲା।

## ଭାଗଚାଷୀଙ୍କୁ ମିଳିବ ଋଣ, ପ୍ରତି ସପ୍ତାହରେ ହେବ ସମୀକ୍ଷା

**ଭୁବନେଶ୍ୱର :** କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହର ଯୋଗୁଁ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଣୁ କୃଷି କାର୍ଯ୍ୟକୁ ଅବ୍ୟାହତ ରଖିବା ପାଇଁ ଚାଷୀମାନଙ୍କୁ ସଠିକ୍ ସମୟରେ ପର୍ଯ୍ୟାପ୍ତ ସାର ଓ ବିହନ ଯୋଗାଣ ସହିତ ଖରିଫ ଫସଲ ଋଣ ଯୋଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଫସଲ ଋଣ ପ୍ରଦାନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦେବା ସହିତ ଭାଗଚାଷୀ ଓ ଭୂମିହୀନ ଚାଷୀମାନଙ୍କୁ ମଧ୍ୟ ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏକ ଭର୍ଚୁଆଲ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚଳିତ ଖରିଫରେ ସମବାୟ ମାଧ୍ୟମରେ ଫସଲ ଋଣ ଯୋଗାଣ, ପ୍ୟାକ୍ସ ଜରିଆରେ ସାର ଓ ବିହନ ଆଦି ଯୋଗାଣର ଅଗ୍ରଗତିର ସମୀକ୍ଷା କରିବା ସହ ବାତ୍ୟା 'ୟାସ'ରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିବା ସହାୟତା ପ୍ୟାକେଜ୍ ପ୍ରଦାନ ପ୍ରକ୍ରିୟାର ମଧ୍ୟ ସମୀକ୍ଷା



କରିଥିଲେ। ସାର ଓ ବିହନ ଯେପରି ଚାଷୀ ପାଖରେ ପର୍ଯ୍ୟାପ୍ତ ପରିମାଣରେ ପହଞ୍ଚି ପାରିବ, ସେଥିପାଇଁ କୃଷି ବିଭାଗ ସାର ଉତ୍ପାଦନକାରୀ କମ୍ପାନିମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିଭଳି ଚଳିତ ଖରିଫରେ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସମବାୟ ସମିତି ସମୂହର ନିବନ୍ଧକ ପ୍ରତି ସପ୍ତାହରେ ଏଭଳି ଭର୍ଚୁଆଲ ବୈଠକ କରି ଋଣ ପ୍ରଦାନର ଅଗ୍ରଗତି ସମୀକ୍ଷା କରିବେ ଏବଂ ବିଭାଗକୁ ସାପ୍ତାହିକ ରିପୋର୍ଟ ପଠାଇବେ। ଡିଆରସିଏସ୍ ଏବଂ ଏଆରସିଏସ୍ ପ୍ୟାକ୍ସଗୁଡ଼ିକ ପରିଦର୍ଶନ କରି ଋଣ ପ୍ରଦାନ ଓ କୃଷି ସାମଗ୍ରୀ ଯୋଗାଣ କାର୍ଯ୍ୟର ଯାଞ୍ଚ କରିବେ। କାର୍ଯ୍ୟରେ ଖିଲାଫ ନେଇ ପ୍ରମାଣ ମିଳିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ, ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ମିଶ୍ରଙ୍କ ସମେତ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ, ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସିଇଓ, ସମବାୟ ବିଭାଗର ସମସ୍ତ ଡିଆରସିଏସ୍ ଓ ଏଆରସିଏସ୍‌ମାନେ ଯୋଗ ଦେଇଥିଲେ।

## ଚାଷୀଙ୍କୁ ନୂତନ କିସମର ଧାନ ବିହନ ଦିଅ: କୃଷି ମନ୍ତ୍ରୀ

**ଭୁବନେଶ୍ୱର :** ୧୦ବର୍ଷରୁ ଅଧିକ ପୁରୁଣା ପୂଜା ଓ ଏବଂ ସ୍ୱର୍ଣ୍ଣ ପ୍ରଜାତିର ଧାନରେ ରୋଗପୋକ ଆକ୍ରମଣର ଅଧିକ ଆଶଙ୍କା ଥିବାରୁ ଏହାକୁ ଚଷୀମାନେ ଯଥାସମ୍ଭବ କମ୍ ବ୍ୟବହାର କରନ୍ତୁ। ଚାଷୀଙ୍କୁ ଉନ୍ନତମାନର ଓ ଅଧିକ ଉତ୍ପାଦନକ୍ଷମ ନୂତନ କିସମର ବିହନ ଯୋଗାଣ କରିବାକୁ କୃଷି ମନ୍ତ୍ରୀ ଅରୁଣ ସାହୁ ରାଜ୍ୟ ବିହନ ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ଖରିଫ ଋତୁ ଆରମ୍ଭ ହୋଇଯାଇଥିବାବେଳେ ଆଗାମୀ ଏକ ମାସ ଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ନଜରରେ ରଖି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅରୁଣ ସାହୁ ଭର୍ଚୁଆଲ ମାଧ୍ୟମରେ ବିହନ ଯୋଗାଣ ବ୍ୟବସ୍ଥା ନେଇ ସମୀକ୍ଷା କରି କହିଛନ୍ତି, ଚଳିତ ଖରିଫ଼ରେ ଚାଷୀଙ୍କୁ ଚାହିଦା ମୁତାବକ ଉନ୍ନତମାନର ବିହନ ଠିକ୍ ସମୟରେ ଓ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ବିହନ ନିଗମ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଧାନ ବିହନ ଚାଷୀଙ୍କ ନିକଟରେ ଯେପରି ନିରନ୍ତର ଯୋଗାଣ ହୋଇପାରିବ



ସେନେଇ ନିଗମର ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ନେବେ। ଚଳିତବର୍ଷ ପ୍ରତିକୂଳ ପାଗ ଯୋଗୁଁ ବିହନ ଯୋଗାଣରେ ଯେପରି ବାଧା ନ ଉପୁଜେ ସେଥିପାଇଁ ଅଧିକାରୀମାନେ ପଦକ୍ଷେପ ନେବେ। ଆଗାମୀ ଏକ ମାସ ଖରିଫ ଚାଷ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ସମୟ ମଧ୍ୟରେ ଚାଷୀଙ୍କ ନିକଟରେ ସମସ୍ତ ଆବଶ୍ୟକ ବିହନ ପହଞ୍ଚିବ। ଚାଷୀମାନେ ଯେପରି ଉନ୍ନତ ମାନର ବିହନ ନିର୍ଦ୍ଧାରିତ ମୂଲ୍ୟରେ ପାଇପାରିବେ ସେଥିନିମନ୍ତେ କ୍ଷେତ୍ରସ୍ତରରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି ହେବ। ଏଥିସହ ବିହନ ଯୋଗାଣରେ ଅସାଧୁ ବ୍ୟବସାୟୀଙ୍କ ପ୍ରତି ସତର୍କ ରହିବାକୁ କୃଷି ମନ୍ତ୍ରୀ କହିଛନ୍ତି। ଏହି ବେଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଚଳିତ ଖରିଫରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ବିହନ ଯୋଗାଣ କ୍ଷେତ୍ରରେ ଆବଶ୍ୟକ ପଦେକ୍ଷପ ନିଆଯାଇଛି ଏବଂ ଏ ଦିଗରେ ସମବାୟ ବିଭାଗ ସହ ଉପଯୁକ୍ତ ସମନ୍ୱୟ ରଖାଯାଇଛି। ଚାଷୀଙ୍କୁ ବାସ୍ନାଯୁକ୍ତ ଚାଉଳ ଉତ୍ପାଦନ ନିମନ୍ତେ ଧାନ ବିହନ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଶ୍ରୀ ବଶିଷ୍ଠ କହିଥିଲେ। ଚଳିତ ଖରିଫ୍‌ରେ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ୫ଲକ୍ଷ କ୍ୱିଣ୍ଟାଲ ଧାନ ବିହନ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି ବୋଲି ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ କହିଥିଲେ।

## କୋଭିଡ଼ କଟକଣାକୁ ଫୁଁ, କୁକୁଡା ଓ ଛେଳିମାରି ରଜ ପାଳିଲେ

**ଜଗତ୍‌ସିଂହପୁର :** ସରକାର କୋଭିଡ଼ର ଦ୍ୱିତୀୟ ଲହରୀକୁ ଦେଖି କଟକଣା ସବୁକୁ ବଳବତ୍ତର ରଖିଥିବା ବେଳେ ଦୋକାନ ବଜାର ସକାଳ ୭ଘଟିକାରୁ ଖୋଲି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିବା ବେଳେ ରଜ ଉତ୍ସବରେ ଏଭଳି ନିର୍ଦ୍ଦେଶନାମାକୁ ଫୁଁ କରି ଘରେ ଓ ବାହାରେ ଚିକେନ୍ ଓ ମଟନ ଭୋଜିର ଆସର ଦେଖିବାକୁ ମିଳିଥିଲା । ବହୁସ୍ଥାନମାନଙ୍କରେ ଚିକେନ ବେପାରୀମାନେ ଖୁଲମ୍ ଖୁଲା ଭାବେ ଚିକେନ୍ ବିକ୍ରୟ କରୁଥିବା ବେଳେ ଗାଁ, ଗହଳି ଓ ରାସ୍ତାଘାଟମାନଙ୍କରେ ବହୁ ଛେଳିମାନ କାଟି ଅତ୍ୟଧିକ ମୂଲ୍ୟରେ ବିକ୍ରୟ କରୁଥିବାର ଦେଖାଯାଇଥିଲା । ଏପିରିକି ଗ୍ରାହକମାନଙ୍କ ସଂଖ୍ୟା କମ୍ ଗୁଣରେ ନଥିଲା କି ମାସ୍କ ଓ ସାମାଜିକ ଦୂରତା ରକ୍ଷାକରୁଥିବାର ଦେଖିବାକୁ ମିଳୁନଥିଲା । ବହୁସ୍ଥାନରେ ଯୁବଗୋଷ୍ଠୀମାନେ ଚିକେନ୍, ମଟନ ସାଙ୍ଗକୁ ମଦର ବନ୍ୟା ବି କରି ସରକାରଙ୍କର କୋଭିଡ଼ କଟକଣାକୁ ବି ଏମାନେ ଫୁ କରି ଉଡାଇଦେଇଥିଲେ । ଜିଲ୍ଲାରେ ଲକଡାଉନ, ସଟ୍‌ଡାଉନ ବନ୍ଦ କରିଦେବାକୁ ବେପାରୀ ଓ ଗ୍ରାହକମାନେ କହୁଥିବା ବେଳେ ସଂକ୍ରମଣ ହାର ଦିନକୁ ଦିନ କେତେଯେ ବଢ଼ି ଚାଲିଛି ତା ଉପରେ ଗୁରୁତ୍ୱ ଦେଉନାହାଁନ୍ତି । ଜନସାଧାରଣ କେବଳ ଜିଲ୍ଲା ପ୍ରଶାସନ ଉପରେ ଦୋଷ ଲଦି ଦେଇ ନିଜ ପରିବାର ପରିଜନ ଉପରେ ନିୟନ୍ତ୍ରଣ ରଖିପାରୁନାହାଁନ୍ତି । ଯେଉଁଥିପାଇଁ ସରକାର ତୃତୀୟଥର ପାଇଁ ଲକଡାଉନ, ସଟ୍‌ଡାଉନ୍ ଓ ନାଇଟ୍ କର୍ଫ୍ୟୁକୁ ବଳବତ୍ତର ରଖିଛନ୍ତି । ରଜପାଳନ କରିବା ନିମନ୍ତେ ସମସ୍ତ ପ୍ରକାର କଟକଣା, ପୁଅଝିଅମାନଙ୍କ ଠାରୁ ଆରମ୍ଭ କରି ପୁଅବୋହୂମାନଙ୍କ ପର୍ଯ୍ୟନ୍ତ ଲାଗୁ ହୋଇଥିଲେ ବି ଚିକେନ, ମଟନ, ମାଛ ଓ ମଦଦୋକାନମାନଙ୍କରେ ଅସମ୍ଭବ ଭିଡ ଦେଖାଯାଇଥିଲା । ପ୍ରତିରାସ୍ତାଘାଟ ଓ ବାରିମାନଙ୍କରେ ଦୂରତ୍ୱ ରକ୍ଷା କରାନଯାଇ ତାସଖେଳ ମଧ୍ୟ ହୋଇଥିଲା । ଟୀକାନେଇ ଘରେ ରହୁଥିବା ବୃଦ୍ଧବୃଦ୍ଧା ଠାରୁ ଆରମ୍ଭ କରି ସରକାରୀ ବାବୁମାନେ ରଜପାଳନ କରିବାରେ କୁଣ୍ଠା ପ୍ରକାଶ କରିନଥିଲେ । ରଜତିନିଦିନ ମଧ୍ୟରେ ଚୋରା ମଦ ଦୋକାନ, ଖୋଲାମଦଦୋକାନ ମାନଙ୍କରେ ଯୁବଗୋଷ୍ଠୀମାନଙ୍କ ଭିଡ଼ କୋଭିଡ଼ କଟଣା ଉପରେ ବ୍ରେକ୍ ଲଗାଇନଥିବା ପରି ଲାଗୁଥିଲା । ଚୋରାବ୍ୟବସାୟୀମାନେ ଅତ୍ୟନ୍ତ ନିମ୍ନମାନର ମଦକୁ ଅଧିକ ଦାମରେ ବିକ୍ରୟ କରୁଥିଲେ ବି ଜିଲ୍ଲା ଅବକାରୀ ବିଭାଗ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଗାଁ ଗହଳି ମାନଙ୍କରେ ଘରେ ଘରେ ବସି ମଦ ବ୍ୟବସାୟ ଏକ ପ୍ରକାର ଚାହା, ପାନ, ପରିବା ଦୋକାନ ପରି ହୋଇଗଲାଣି । କିଛି ମଦଦୋକାନ କର୍ମଚାରୀ ର୍ୟାକେଟ୍ ଓ ଗାଁ ଗହଳିମାନଙ୍କରେ ବେକାର ହୋଇ ବୁଲୁଥିବା ଯୁବକମାନେ ଅଟୋ, ବାଇକ୍ ଓ ଚାରିଚକିଆ ଯାନମାନଙ୍କର ଗାଁ ଗହଳିମାନଙ୍କରେ ଅଧିକ ଦାମରେ ବିକ୍ରୟ କରୁଛନ୍ତି । ଏହି ନିମ୍ନମାନର ମଦପାନ କରି ଯୁବଗୋଷ୍ଠୀମାନେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ କରିବା ସହିତ ଦୁର୍ଘଟଣା ଘଟାଇବା ଓ ଗାଁ ଗହଳି ମାନଙ୍କରେ ବିଭିନ୍ନ ଦୋକାନ, ଟେଷ୍ଟ ଲାଇଟ, ଠାକୁରଙ୍କ ଦାନ ବାକ୍ସକୁ ଓ ଘର ଗ୍ରିଲ୍‌କୁ ଭାଙ୍ଗି ଦେଇ ଚୋରିକରିବାରେ ସକ୍ଷମ ହେଉଛନ୍ତି। ଏହି ଘଟଣା ସବୁକୁ ନିୟନ୍ତ୍ରଣ କରିବା ପାଇଁ ରାସ୍ତାଘାଟମାନଙ୍କରେ ରାତ୍ରିକାଳୀନ ପି.ସି.ଆର୍. ଭ୍ୟାନ୍ ଗୁଡିକ ଲାଇଟ୍ ଲଗାଇ ବୁଲୁଥିବାରୁ ଚୋରାମଦବ୍ୟବସାୟୀମାନେ ଗାଁ ଗହଳି ମାନଙ୍କରେ ଲୁଚି ଯାଉଥିବା ବେଳେ ପୁନଃ ସ୍ଥାନ ଦଖଲ କରି ବ୍ୟବସାୟ କରୁଛନ୍ତି । ଗାଁ ଗହଳିମାନଙ୍କରେ ମଦ ଓ ଚରସ ବ୍ୟବସାୟ ଯୋଗୁଁ ମଦ୍ୟପ ଯୁବକମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କ ନିକଟରେ ବୁଦ୍ଧିଜୀବୀଙ୍କ ମହଲରେ ଦୃଢ଼ ଦାବୀ ହେଉଛି ।

### ସୁପ୍ରିମକୋର୍ଟ ଓକିଲଙ୍କୁ ହାଇକୋର୍ଟ ବିଚାରପତି କରିବା ପ୍ରସଙ୍ଗ

## ପ୍ରସ୍ତାବକୁ ହାଇକୋର୍ଟ ବାର୍‌ର ବିରୋଧ

**କଟକ :** ସୁପ୍ରିମ୍‌କୋର୍ଟରେ ଓକିଲାତି କରୁଥିବା ଆଇନଜୀବୀଙ୍କୁ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦେବା ପ୍ରସ୍ତାବକୁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ବିରୋଧ କରିଛି। ସୁପ୍ରିମ୍‌କୋର୍ଟ ବାର୍ ଆସୋସିଏସନର ଏପରି ପ୍ରସ୍ତାବ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଓ ଏହାକୁ ଖାରଜ କରାଯାଉ ବୋଲି ଦର୍ଶାଇ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଭାରତର ପ୍ରଧାନବିଚାରପତିଙ୍କୁ ଚିଠି ଲେଖାଯାଇଛି। ଇ-ମେଲ ମାଧ୍ୟମରେ ଏହି ଚିଠି ସୁପ୍ରିମ୍‌କୋର୍ଟର ପ୍ରଧାନବିଚାରପତି ଓ ହାଇକୋର୍ଟର ମୁଖ୍ୟବିଚାରପତିଙ୍କୁ ପଠାଯାଇଛି ବୋଲି ହାଇକୋର୍ଟ ବାର୍ ସଭାପତି ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ ଓ ସଂପାଦକ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ସୂଚନା ଦେଇଛନ୍ତି। ଜୁନ୍ ୧୪ ତାରିଖ ଦିନ ବାର୍ ସଭାପତି ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାହୀ ପରିଷଦ ବେଠକରେ ଉପସଭାପତି ଦେବୀପ୍ରସାଦ ଦାଶ, ସଂପାଦକ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ଓ ଅନ୍ୟ କର୍ମକର୍ତ୍ତାମାନେ ଏହି ପ୍ରସଂଗରେ ଆଲୋଚନା କରି କେତେକ ପ୍ରସ୍ତାବ ଗ୍ରହଣ କରିଥିଲେ।

## ଓଡ଼ିଶାରେ ପଢ଼ିବାକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ଆଗ୍ରହୀ

**ଭୁବନେଶ୍ୱର :** ଓଡ଼ିଶା ପାଲଟିଛି ଉଚ୍ଚଶିକ୍ଷା ପାଇଁ ବିଦେଶୀ ଛାତ୍ରଛାତ୍ରୀଙ୍କ ପସନ୍ଦ। ଗୁଣାତ୍ମକ ଶିକ୍ଷା ସାଙ୍ଗକୁ ଶାନ୍ତ ପରିବେଶ ବାହାର ଦେଶର ପିଲାମାନଙ୍କୁ ଏଠାକୁ ଟାଣି ଆଣୁଛି। ପିଜି ହେଉ କି ପିଏଚ୍‌ଡି କିମ୍ବା ସ୍ନାତକ ଶିକ୍ଷା; ସବୁ କ୍ଷେତ୍ରରେ ଓଡ଼ିଶା ଏବେ ଆକର୍ଷଣ ପାଲଟିଛି। ଦେଶରେ ପଢ଼ିବାକୁ ଆସୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦୁଇ ପ୍ରତିଶତରୁ ଅଧିକ ଓଡ଼ିଶାକୁ ଆସୁଛନ୍ତି। ୨୦୧୮-୧୯ତୁଳନାରେ ୨୦୧୯-୨୦ ଶିକ୍ଷାବର୍ଷରେ ଅଧିକ ସଂଖ୍ୟକ ପିଲା ଓଡ଼ିଶା ଆସିଛନ୍ତି। ସ୍ନାତକ ପାଠ୍ୟକ୍ରମ ଗୁଡ଼ିକରେ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କ ଆଗ୍ରହ ଅଧିକ ରହୁଥିବା ଦେଖିବାକୁ ମିଳିଛି। ପିଏଚ୍‌ଡି ପାଠ୍ୟକ୍ରମରେ ବି କିଛି ପିଲା ପଢୁଛନ୍ତି। ତେବେ ଏମ୍.ଫିଲ୍, ପିଜି ଡିପ୍ଲୋମା, ଡିପ୍ଲୋମା, ସାର୍ଟିଫିକେଟ୍ ଓ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ କେହି ବି ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଆସୁନାହାନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଅଲ୍ ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେସନ (ଏଆଇଏସ୍‌ଏଚ୍‌ଇ) ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଖୁସିର ବିଷୟ, ଗୋଟିଏ ଶିକ୍ଷାବର୍ଷ ମଧ୍ୟରେ ଓଡ଼ିଶାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଛି। ୨୦୧୬-୧୭ରେ ୩୦୯ଜଣ ବିଦେଶୀ ପଢୁଥିବା ବେଳେ ୨୦୧୮-୧୯ରେ ଏହି ସଂଖ୍ୟା ୫୩୬ରେ ପହଞ୍ଚିଥିଲା। ୨୦୧୯-୨୦ରେ ୧୧୫୯ ଜଣ ପଢୁଛନ୍ତି। ସେମାନଙ୍କ ମଧ୍ୟରେ ୭୮୦ଜଣ ଛାତ୍ର ଓ ୩୭୯ଜଣ ଛାତ୍ରୀ ରହିଛନ୍ତି। ୫୮ଜଣ ପିଏଚ୍‌ଡି କରୁଥିବା ବେଳେ ଏମ୍.ଫିଲ୍‌ରେ କେହି ନାହାନ୍ତି। ସ୍ନାତକୋତ୍ତରରେ ୧୫୮ଜଣ ରହିଥିବା ବେଳେ ସ୍ନାତକରେ ୯୪୩ଜଣ ପଢୁଛନ୍ତି। ଭୁବନେଶ୍ୱରରେ ଥିବା



ଘରୋଇ ଓ ଡିମଡ୍ ବିଶ୍ୱବିଦ୍ୟାଳୟ, ଜାତୀୟ ଶିକ୍ଷାନୁଷ୍ଠାନରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବହୁତ କମ୍ ଥିବା ଜଣାପଡ଼ିଛି। ଦେଶର ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ଦୁଇଟି ସ୍ଥାନ ଉପରକୁ ଉଠିଛି। ୨୦୧୬-୧୭ ସର୍ଭେରେ ଓଡ଼ିଶାର ସ୍ଥାନ ୧୫ ଥିଲା। ୨୦୧୮-୧୯ରେ ୧୬କୁ ଖସିଥିବା ବେଳେ ଏଥର ୧୪ତମ ସ୍ଥାନକୁ ଉଠିଛି। କର୍ଣ୍ଣାଟକରେ ସର୍ବାଧିକ ୧୦ ହଜାର ୨୩୧ଜଣ ଅର୍ଥାତ୍ ୨୧% ବିଦେଶୀ ଛାତ୍ରଛାତ୍ରୀ ପଢୁଛନ୍ତି। ଏହା ତଳକୁ ଉତ୍ତରପ୍ରଦେଶରେ ୫୦୮୯, ପଞ୍ଜାବରେ ୪୯୬୬, ମହାରାଷ୍ଟ୍ରରେ ୪୫୯୯, ତାମିଲନାଡୁରେ ୪୪୬୧, ଦିଲ୍ଲୀରେ ୨୩୪୫, ହରିୟାନାରେ ୨୩୨୧, ତେଲେଙ୍ଗାନାରେ ୨୨୬୧, ଗୁଜରାଟରେ ୨୨୨୭, ଆନ୍ଧ୍ରପ୍ରଦେଶରେ ୨୦୯୪, ଉତ୍ତରାଖଣ୍ଡରେ ୧୫୫୪, ରାଜସ୍ଥାନରେ ୧୩୮୨, ପଶ୍ଚିମବଙ୍ଗରେ ୧୨୧୧ ଜଣ ବିଦେଶୀ ପଢୁଛନ୍ତି। ଭାରତରେ ୧୬୮ଟି ଦେଶର ୪୯ ହଜାର ୩୪୮ଜଣ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ୩୨ ହଜାର ୮୩୬ ଜଣ ଛାତ୍ର ଓ ୧୬ ହଜାର ୫୧୨ଜଣ ଛାତ୍ରୀ ରହିଛନ୍ତି। ଓଡ଼ିଶାରେ ୩୨ଟି ବିଶ୍ୱବିଦ୍ୟାଳୟ ତଥା ଉଚ୍ଚ ଶିକ୍ଷାନୁଷ୍ଠାନ ରହିଛ। ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ୫ଟି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ, ୧୬ଟି ସରକାରୀ ବିଶ୍ୱବିଦ୍ୟାଳୟ, ଗୋଟିଏ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ୬ଟି ଘରୋଇ ବିଶ୍ୱବିଦ୍ୟାଳୟ ଓ ତିନିଟି ଡିମଡ୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି, ଏମ୍.ଫିଲ୍, ପିଜି, ୟୁଜି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଲାଗି ସୁଯୋଗ ରହିଛି। ଗତ ୯ ବର୍ଷ ମଧ୍ୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷାନୁଷ୍ଠାନ ସଂଖ୍ୟା ବୃଦ୍ଧି ପାଇ ୨୦୧୯-୨୦ରେ ୩୨ରେ ପହଞ୍ଚିଛି। କଲେଜ ସଂଖ୍ୟା ବି ବଢ଼ିଛି। ୨୦୧୧-୧୨ରେ ଓଡ଼ିଶାରେ ୧୦୯୦ କଲେଜ ଥିବା ବେଳେ ୨୦୧୮-୧୯ରେ ଏହି ସଂଖ୍ୟା ୧୦୬୨କୁ ଖସିଥିଲା। ତେବେ ୨୦୧୯-୨୦ରେ ପୁଣିଥରେ ବୃଦ୍ଧି ପାଇ ୧୦୮୭ରେ ପହଞ୍ଚିଛି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଜୁନ୍, ୨୦୨୧

# ପରିସ୍ଥିତି ବଦଳିବ

ଚଳିତବର୍ଷ ରାଜ୍ୟରେ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି ରଜ ପର୍ବ। ବାହାରେ ଆଡମ୍ବର ନଥିଲେ ମଧ୍ୟ ପ୍ରତ୍ୟେକ ଓଡ଼ିଆ ପରିବାର ଏହାକୁ ପାଳନ କରିଛନ୍ତି। ଗତବର୍ଷ ପରି ଏବର୍ଷ ମଧ୍ୟ ମହାମାରୀ କରୋନା ସମସ୍ତଙ୍କ ମନରେ ଭୟ ଓ ଆଶଙ୍କା ଜାରି ରଖିଥିଲା। ତାହାରି ଭିତରେ ନିଜ ନିଜ ମଧ୍ୟରେ ଖୁସି ବାଣ୍ଟି ରଜ ମଜା ସୀମା ଭିତରେ ସୀମିତ ରହିଥିଲେ ବି ଏହାର ପରମ୍ପରା ବଜାୟ ରହିଛି। ରାଜ୍ୟ ବାହାରେ ଯେଉଁଠି ବି ଓଡ଼ିଆ ପରିବାର ରହିଛନ୍ତି, ସମସ୍ତଙ୍କ ଭିତରେ ରଜ ପର୍ବକୁ ନେଇ ସ୍ୱତନ୍ତ୍ର ଆବେଗ ଓ ଉତ୍କଣ୍ଠାରେ ବାଧା ଉପୁଜିନାହିଁ। ଏହା ଆମ ସମସ୍ତଙ୍କର ଏକ ଅପେକ୍ଷିତ ଆନନ୍ଦ। ମୌସୁମୀ ବର୍ଷାର ଆରମ୍ଭ ସହ ପାଗ ରଜ ଉପଯୋଗୀ ଥିଲା। ଯଦିଓ ରାଜ୍ୟରେ କରୋନା ସଂକ୍ରମଣ କମିଛି, ତଥାପି କଟକଣା ମାନି ଚଳିବା ଅପରିହାର୍ଯ୍ୟ ହୋଇପଡିଛି। ଓଡ଼ିଶାର ଅନେକ ଜିଲ୍ଲାରେ କରୋନା ସଂକ୍ରମଣ ହାର ବହୁତ କମ ରହିଛି, ତଥାପି ଜୀବନଯାତ୍ରା ସ୍ୱାଭାବିକ ହେଲାଭଳି ପରିସ୍ଥିତି ଆସିନାହିଁ। ତେଣୁ ପ୍ରତ୍ୟେକଙ୍କୁ ସାବଧାନ ହୋଇ ଚଳିବା ସହ ଜୀବିକା ବଞ୍ଚାଇବାକୁ ଉଦ୍ୟମ କରିବାକୁ ହେବ। ଚାଷ କାମ ଆରମ୍ଭ ସହ କୃଷି ଉତ୍ପାଦନ ଦିଗରେ ମନୋନିବେଶ କରିବାର ପ୍ରକୃଷ୍ଟ ଆହ୍ୱାନ ସହିତ ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିପ୍ରତି ଅଧିକ ନିଷ୍ଠାବାନ ନହେଲେ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିବ। କାରଣ ଗତ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ସମସ୍ତେ ମହାମାରୀ କରୋନା ଦ୍ୱାରା ପ୍ରଭାବିତ ହୋଇଚାଲିଛନ୍ତି। ଧନୀ ଗରିବ ନିର୍ବିଶେଷରେ ଆର୍ଥିକ କ୍ଷତି ସମସ୍ତଙ୍କୁ ଚିନ୍ତିତ କରିରଖିଛି। ଏବେ କୋଭିଡ୍ କଟକଣା ସାମାନ୍ୟ କୋହଳ ହୋଇଛି। ତାହାରି ମଧ୍ୟରେ ସତର୍କ ରହି ପାରିବାର ପ୍ରତିପୋଷଣ ପାଇଁ ପରିଶ୍ରମ କରିବାର ସମୟକୁ ହାତଛଡା ନ କରି କିଭଳି ରୋଜଗାର ବଢ଼ିବ ତାହା ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ମହାମାରୀ କରୋନା କେବେ ଲୋପ ପାଇବ ତାହା ଚିନ୍ତା ନକରି କିପରି ବ୍ୟକ୍ତି, ରାଜ୍ୟ ଓ ରାଷ୍ଟ୍ର ସୁରକ୍ଷିତ ରହିପାରିବ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ରାଜ୍ୟରେ କରୋନାର ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହର ଅଧିକ ଭୟଙ୍କର ସାବ୍ୟସ୍ତ ହୋଇଛି। ଦ୍ୱିତୀୟ ଲହରରେ ତୀବ୍ର ସଂକ୍ରମଣ ସାଙ୍ଗକୁ ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଭୟ ସୃଷ୍ଟି କରିଛି। ସଂକ୍ରମଣ ସାଙ୍ଗକୁ କୋଭିଡ୍ ମୃତ୍ୟୁ ଏକପ୍ରକାର ଅଜଣା ଆତଙ୍କ ସୃଷ୍ଟି କରିବା ସହ ଅନେକ ପରିବାରର ବହୁ ସଦସ୍ୟ କରୋନାରେ ପ୍ରାଣ ହରାଇବା ଦ୍ୱାରା, ସେ ପରିବାର ନିଜ ଅସ୍ତିତ୍ୱ ହରାଇ ବସିଛନ୍ତି। କେଉଁଠି ବାପପୁଅଙ୍କ ମୃତ୍ୟୁ ତ ଆଉ କେଉଁଠି ସ୍ୱାମୀ ସ୍ତ୍ରୀ ପ୍ରାଣ ହରାଇବା ଫଳରେ ପିଲାମାନେ ଅସହାୟ ହୋଇପଡିଛନ୍ତି। କରୋନାର କରାଳ ରୂପ ଯିଏ ଦେଖିଛନ୍ତି, ତାଙ୍କ ହୃଦୟ ପଥର ହୋଇଯାଇଛି। ଏଭଳି ଏକ ମାରାତ୍ମକ ଭୂତାଣୁ ଯେ, ମଣିଷ ସମାଜ ପ୍ରତି ଏତେ ମାତ୍ରାରେ କ୍ଷତି କରିପାରିବ ତାହା ପୂର୍ବରୁ ଆକଳନ ହୋଇନଥିଲା। କୋଭିଡ୍-୧୯ର ଦ୍ୱିତୀୟ ଲହର ଭୟାବହତା ଶେଷ ହୋଇନଥିଲା ବେଳେ ସମ୍ପ୍ରତି ତୃତୀୟ ଲହର ଆସିବା ନେଇ ଆଶଙ୍କା ଦେଖାଦେଲାଣି। ତୃତୀୟ ଲହର ପାଇଁ ଦେଶ ପ୍ରସ୍ତୁତ ହେଉଥିବା ଖବର ସାମ୍ନାକୁ ଆସୁଛି। ଦେଶରେ ସର୍ବାଧିକ କୋଭିଡ୍ ପ୍ରଭାବିତ ରାଜ୍ୟ ମହାରାଷ୍ଟ୍ରରେ ଖୁବଶୀଘ୍ର ତୃତୀୟ ଲହର ଆସିବ ବୋଲି ସରକାର ସତର୍କ କରାଇଛନ୍ତି। ଆସନ୍ତା ୨-୪ ସପ୍ତାହ ମଧ୍ୟରେ ମହାରାଷ୍ଟ୍ର ଓ ମୁମ୍ବାଇରେ ତୃତୀୟ ଲହର ଆସିବ ବୋଲି ମହାରାଷ୍ଟ୍ର ରାଜ୍ୟ କୋଭିଡ୍-୧୯ ଟାସ୍କ ଫୋର୍ସ ଚେତାବନୀ ଦେଇଛି। ତେବେ ଏଥିରେ ମୁଖ୍ୟ ପ୍ରସଙ୍ଗଟି ହେଉଛି, ପୂର୍ବରୁ କୁହାଯାଉଥିଲା ଯେ, କରୋନାର ତୃତୀୟ ଲହର ଯୁବକ ଓ ଶିଶୁ ମାନଙ୍କୁ ଅଧିକ କ୍ଷତି ପହଞ୍ଚାଇବ। ହେଲେ ଆଶ୍ୱସ୍ତିକର ଖବର ହେଉଛି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଏମ୍ସ କରିଥିବା ସର୍ଭେ ରିପୋର୍ଟ ଅନୁଯାୟୀ ଏଭଳି କିଛି ସମ୍ଭାବନା ନାହିଁ।



ସମ୍ପାଦକୀୟ
ତାରକ ମହାନ୍ତି

ଭାଇରସର ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନଙ୍କ ଉପରେ କିଭଳି ପ୍ରଭାବ ପଡିବ ତା ଉପରେ ବିଶେଷ ଅଧ୍ୟୟନ କରାଯାଇ ରିପୋର୍ଟ ପ୍ରକାଶ ପାଇଛି। ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ ତୃତୀୟ ଲହରରେ ଭାରତରେ ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରିବାର ସମ୍ଭାବନା ନାହିଁ। ବର୍ତ୍ତମାନର ସଂକ୍ରମଣ ଓ ସେରୋସର୍ଭେ ରିପୋର୍ଟ ଗୁଡିକ ଆଧାରରେ ଏଭଳି ଆକଳନ କରାଯାଇଛି। ୫ଟି ରାଜ୍ୟରେ ୧୦ ହଜାର ଲୋକଙ୍କ ସେରୋ ପଜିଟିଭ ହାରକୁ ଆଧାର କରି ଉଭୟ ସଂସ୍ଥା ମତ ରଖିଛନ୍ତି। ଦେଶରେ ଏବେ ଦୈନିକ ସଂକ୍ରମଣ ମାମଲା ତଳକୁ ଖସୁଛି। ତେବେ କେତେକ ରାଜ୍ୟରେ ସ୍ଥିତି ସେତେ ଭଲ ନୁହେଁ। ସଂକ୍ରମଣ ମାମଲା ଖସିଥିଲେ ମଧ୍ୟ ଏହା ଆଶ୍ୱସ୍ତି ଆଣିଦେଲାଭଳି ନୁହେଁ। ଗ୍ରାମାଞ୍ଚଳରେ ହୋଇଥିବା ସର୍ଭେରୁ ଜଣାପଡିଛି ଯେ, ୬୨.୩ ପ୍ରତିଶତଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ଓଡ଼ିଶାରେ ମଧ୍ୟ ସଂକ୍ରମଣ ହାର କମିବାରେ ଲାଗିଛି। ହେଲେ ସ୍ଥିତି ଏଯାଏ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ବିଶେଷକରି ଉପକୂଳ ଜିଲ୍ଲା ଗୁଡିକରେ ଉଚ୍ଚ ସଂକ୍ରମର ହାର ସହିତ ପଜିଟଭ ସଂଖ୍ୟା ଅଧିକ ରହୁଛି। ତେଣୁ ବାଲେଶ୍ୱର, କଟକ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲା ରେଡ ଜୋନରେ ଅଛି। ରାଜ୍ୟ ସରକାର ଏବେ ଉପକୂଳ ଜିଲ୍ଲାଗୁଡିକରେ ସଂକ୍ରମଣ ହ୍ରାସ ପାଇଁ ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାରଙ୍କ ଫୋକସରେ ଏବେ ଉପକୂଳ ଜିଲ୍ଲା। ଅଧିକ ସଂକ୍ରମଣ ଥିବା ଜିଲ୍ଲାରେ ଅଧିକ ପରୀକ୍ଷା କରାଯିବା ସହ ଘରକୁ ଘର ବୁଲି ସର୍ଭେ କରାଯାଉଛି। ତଥାପି ଏହାରି ମଧ୍ୟରେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କିନ୍ତୁ ଲୋକଙ୍କ ଢିଲାପଣ ରହିଲେ ସଂକ୍ରମଣ ବଢ଼ିବାର ଆଶଙ୍କାକୁ ଦୂରେଇ ଦିଆଯାଇ ନପାରେ। ଏହାରି ମଧ୍ୟରେ ରାଜ୍ୟ ସରକାର ଆର୍ଥିକ ଓ ସାମାଜିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। କୋଭିଡ୍ ଦ୍ୱାରା ଲୋକଙ୍କ ଆର୍ଥିକ କ୍ଷତି ଘଟିଥିବା ଅନୁଭବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ମହାମାରୀ ଦ୍ୱାରା ସମାଜର ସବୁବର୍ଗର ଲୋକ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ନିଶ୍ଚୟ ଯେ, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଜୀବିକା ହରାଇ କରୋନା କାଳରେ ସଙ୍କଟ ମଧ୍ୟ ଦେଇ ଗତି କରୁଛନ୍ତି। ତେଣୁ ଗରିବ, ଖଟିଖିଆ ଓ ଦିନ ମଜୁରିଆଙ୍କ ସୁରକ୍ଷା ସହିତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ସରକାରଙ୍କ ପ୍ରଥମ କାର୍ଯ୍ୟ। ସେହିଭଳି ମହାମାରୀ କୋଭିଡରେ ମୃତ୍ୟୁବରଣ କରିଥିବା ପିତାମାନଙ୍କ ଅସହାୟ ପିଲାମାନଙ୍କ ସୁରକ୍ଷା ମଧ୍ୟ ଜରୁରୀ। କାରଣ ଯେଉଁ ପରିବାରର ସ୍ୱାମୀ ସ୍ତ୍ରୀ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପିଲାମାନେ ସାହାରା ହରାଇ ,କପ୍ରକାର ଅନାଥ ହୋଇଯାଇଛନ୍ତି। ମହାମାରୀ କରୋନାର ଭୟଙ୍କର ଚିତ୍ର ବାସ୍ତବରେ ସମସ୍ତଙ୍କ ମନକୁ ଦୋହଲାଇ ଦେଇଛି। ଜୀବନ ଓ ଜୀବିକା ଉଭୟ ସଂକଟରେ ରହିଥିଲା ବେଳେ କିଭଳି ଏଥିରୁ ମୁକୁଳି ହେବ, ତାହା ଚିନ୍ତାର ବିଷୟ। ତେଣୁ କରୋନା କଟକଣାର ଉପଯୁକ୍ତ ପାଳନ, ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ସହିତ ହାତକୁ ବାରମ୍ବାର ଧୋଇବା ଅପରିହାର୍ଯ୍ୟ ହୋଇପଡିଛି। ଏହାରି ଭିତରେ ଜୀବିକା ବଞ୍ଚାଇବା ପାଇଁ ଅଧିକ ସତର୍କ ରହି କାର୍ଯ୍ୟ କରିପାରିଲେ ଆଗକୁ ପରିସ୍ଥିତି ନିଶ୍ଚୟ ବଦଳିଯିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅବସର ପରେ ପୁନଃ ନିଯୁକ୍ତି ଏକ ମହାଦୁର୍ନୀତି



ସିତାଂଶୁ ଶେଖର ମିଶ୍ର

ଦେଶରେ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ବେକାର୍ ଶାସକଙ୍କ ଚିନ୍ତା ନାହିଁ। ଅବସର ପରେ ପରେ କିନ୍ତୁ ପୁନଃନିଯୁକ୍ତି କେତେଦୂର ଗ୍ରହଣନୀୟ ଅଟେ। ଅବସର ପରେ ପୁନଃନିଯୁକ୍ତି ଦିଆହେଉଛି। ନୂତନ ନିଯୁକ୍ତି ସକାଶେ ଆବଶ୍ୟକ ପଦପଦବୀ ସୃଷ୍ଟି କରାଯାଉ ନାହିଁ। ଯାହାଫଳରେ ଏବେ ଦେଶରେ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ବେକାର୍ ଓ ରୋଜଗାର ପାଇଁ ଟାକି ବସିଛନ୍ତି। ଯଦ୍ୱାରା ଯୁବକଯୁବତୀ ଆଜି କର୍ମସଂସ୍ଥାନ ନପାଇ ବିପଥଗାମୀ ହେବାରେ ଲାଗିଲେଣି। ସମାଜ ପାଇଁ ଏବେ ଏହା ନିଶ୍ଚୟ ଚିନ୍ତାର ବିଷୟ ଅଟେ। ଏମାନଙ୍କ ସକାଶେ ସରକାର ଯୋଜନା ପ୍ରସ୍ତୁତ କରିବା କଥା। ସମସ୍ତେ କିଭଳି ଭାବରେ ରୋଜଗାରକ୍ଷମ ହେବେ। ସରକାରୀ ସ୍ତରରେ ଆବଶ୍ୟକ ସଂଖ୍ୟକ ପଦପଦବୀକୁ ସଙ୍କୁଚିତ କରିବା ଠିକ୍ ହେଉନାହିଁ। ହଁ ପ୍ରଯୁକ୍ତିବିଦ୍ୟା ଆପଣାଇବା ଫଳରେ କମ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସଞ୍ଚାଳନ ହୋଇପାରିଛି। ଠିକ୍ କଥା କିନ୍ତୁ ସେଥିପାଇଁ ପାଇଁ ମଧ୍ୟ ଦକ୍ଷ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏବେ ଯଦି ଆମେ ଦେଖିବା ସେ କେନ୍ଦ୍ର ସରକାର ହୁଅନ୍ତୁ ବା ବିଭିନ୍ନ ରାଜ୍ୟର ରାଜ୍ୟ ସରକାରଙ୍କ ସ୍ତରରେ ବହୁ ଗୁଡାଏ ପଦପଦବୀ ଉଚ୍ଛେଦ କରାଯାଇଛି। ଫଳରେ ସ୍ୱାଭାବିକ ଭାବରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ଚାପ ରହୁଛି। ଯୋଉମାନେ ଅବସର ଗ୍ରହଣ କରୁଛନ୍ତି ତାଙ୍କୁ ପୁଣିଥରେ ଅବସର ପରେପରେ ନିଯୁକ୍ତି ଦିଆଯାଉଛି ହେଲେ ନୂତନ ନିଯୁକ୍ତି ଦିଆଯାଉନାହିଁ, ସୁତରାଂ ଏହା କେତେଦୂର ଯୁକ୍ତିଯୁକ୍ତ ଅଟେ, ତାକୁ ବିଚାରକୁ ନେବା କଥା।

ଆଜି କୁହାଯାଉଛି ନାଁ ତାଙ୍କର ଅଭିଜ୍ଞତାକୁ ଭିତ୍ତିକରି ରଖାଯାଉଛି ଏହା ହେଉଛି ସବୁଠାରୁ ବଡ଼ ଅଯୌକ୍ତିକର କଥା। ଆଜି ଏହି ମହାମାରୀ ଫଳରେ ଦେଶ ରାଜ୍ୟର ଅର୍ଥନୀତି ଉପରେ ଏକ ନକରାତ୍ମକ ପ୍ରଭାବ ସୃଷ୍ଟି କରିସାରିଛି। ଦୋହଲି ଗଲାଣି ରାଜକୋଷ। ସରକାର ବାଧ୍ୟ ହୋଇଛନ୍ତି ଏବଂ ବିଭିନ୍ନ ଖର୍ଚ୍ଚ କାଟ ପନ୍ଥା ଅବଲମ୍ବନ ପାଇଁ ନିର୍ଦ୍ଦେଶନାମା ଜାରି କରି ସାରଛନ୍ତି। ଏମିତି କି ଦେଶର ବିଭିନ୍ନ ପ୍ରଦେଶ ସରକାର ସବୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ନିଯୁକ୍ତି ଅବଧିକୁ ଆଉ ନ ବଢାଇବା ଫଳରେ ହଜାର ହଜାର କର୍ମଚାରୀଙ୍କ ଭାଗ୍ୟ ସୂତାକ୍ଷରେ ଝୁଲୁଛି କିନ୍ତୁ ଏପଟେ କିଛି ନିର୍ଦ୍ଦିଷ୍ଟ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଖବର ଆସୁଛି ଯାହାକି ସମ୍ପୂର୍ଣ୍ଣ ଭାବରେ ଅଗଣତାନ୍ତ୍ରିକ ଅଟେ।

ଏଥିପାଇଁ ମଧ୍ୟ କିଛି ଗୋଡ଼ାଣିଆ ଅନ୍ଧ ଭକ୍ତ ଅଛନ୍ତି ଏହାକୁ ସେମାନେ ଉଚିତ ହୋଇଛି ବୋଲି କହିଥାନ୍ତି ଯାହାକି ଦୁର୍ଭାଗ୍ୟଜନକ ଅଟେ। ଅନ୍ଧ ଭକ୍ତ ହେବା ନ ଛାଡିଲେ ଏ ସମାଜ ରସାତଳଗାମୀ ହୋଇଯିବ। ଆଉ ଗୋଟାଏ କଥା ସେହି ଲୋକ ମାନଙ୍କ ଦେହାନ୍ତ ହୋଇଗଲେ ଆଉ କଣ ଆମ ବ୍ୟବସ୍ଥା ବନ୍ଦ ହୋଇଯିବ, ତାହା ନୁହେଁ ଯୋଉମାନଙ୍କ ବୁଦ୍ଧି ବୃତ୍ତି କମଥାଏ ସେ ସବୁବେଳେ ଏକ ନିର୍ଦ୍ଦିଷ୍ଟ ଲୋକ ଉପରେ ନିର୍ଭରଶୀଳ ହୋଇଉଠେ। ଏହା କେବେହେଲେ ହେଁ ଠିକ୍ କହିବା ଉଚିତ୍ ହେବନାହିଁ।

ଏ ବିଷୟରେ ଜାତୀୟ ଦୁର୍ନୀତି ଆୟୋଗ ମଧ୍ୟ ଏବେ ଚିନ୍ତା ପ୍ରକଟ କରିଛନ୍ତି। ସେ ଏ ସମ୍ବନ୍ଧୀୟରେ କହିଛନ୍ତି, ଅବସର ଗ୍ରହଣ ପରେ ପରେ କୌଣସି ଠାରେ ପୁନଃନିଯୁକ୍ତି ସମୟରେ ତାଙ୍କ ପାଖରୁ ଆବଶ୍ୟକ ଅନୁମତିପତ୍ର ନେବାକୁ କହିଛନ୍ତି। ବିଶେଷକରି ବଡ଼ ବଡ଼ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନେ ଅବସର ପରେ ପରେ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କରେ ପଦପଦବୀ ଗ୍ରହଣ କରୁଛନ୍ତି। ଏହିଭଳିଆ ପୁନର୍ନିଯୁକ୍ତି ନେଇ ଜାତୀୟ ଦୁର୍ନୀତି ଆୟୋଗ (CVC) ମଧ୍ୟପ୍ରଶ୍ନ ଉଠାଇଛନ୍ତି ଓ ଉଦ୍‌ବେଗ୍ ପ୍ରକାଶ କରିଥିବା ଜଣା ପଡ଼େ। ଅବସର ଗ୍ରହଣ ପରେ ପରେ କାର୍ଯ୍ୟକାଳ ବୃଦ୍ଧି ହେଉକି ତାଙ୍କୁ ପୁଣି କାର୍ଯ୍ୟ କ୍ଷେତ୍ରରେ ଅବସ୍ଥାପିତ ସମସ୍ୟାର ସମାଧାନର ବାଟ ନୁହେଁ। ତାଙ୍କ ଠାରୁ ବଳି ଆହୁରି ଦକ୍ଷ କର୍ମଚାରୀ ରହିଥାନ୍ତି କିନ୍ତୁ ତାଙ୍କୁ ସୁଯୋଗ ମିଳେନାହିଁ। ଏବେ ଯାହା ଦେଖାଯାଉଛି ଏଠାରେ ଦକ୍ଷତାକୁ ନେଇ ଅବସ୍ଥାପିତ କରାଯାଇ ନଥାଏ। ସବୁକଥାରେ ହଁ ଭରୁଥିବା ତାହା ହୋଇପାରେ ଜନବିରୋଧି କିନ୍ତୁ ତାକୁ ଯେ କାର୍ଯ୍ୟକାରୀ କରିପାରିଥାଏ ସେହି ଅଧିକାରୀ ମାନଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଥାଏ ଭଳିଆ ଅନୁମେୟ ହୁଏ।

ଏବେ ଏବେ ତାର ସଦ୍ୟତମ ଉଦାହରଣକୁ ନିଆଯାଇ ପାରେ, ଭାରତ ବର୍ଷର ଏହି ଦୁଇଗୋଟି ରାଜ୍ୟ ଯଥା ଓଡିଶା ଓ ପଶ୍ଚିମବଙ୍ଗ ଭୀଷଣ ଭାବରେ ବାତ୍ୟା ୟେସ ଦ୍ୱାରା ପ୍ରଭାବିତ ହେଲା। ଏହାର ସରଜମିନ ଅନୁଧ୍ୟାନ ଓ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ସମ୍ପୃକ୍ତ ରାଜ୍ୟ ମାନଙ୍କୁ ମାନ୍ୟବର ପ୍ରଧାନମନ୍ତ୍ରୀ ଗସ୍ତ କରିଥିଲେ। ଓଡିଶା ସରକାରଙ୍କ ସହିତ ଆଲୋଚନା ବେଶ ଫଳପ୍ରଦ ରହିଥିଲା। କିନ୍ତୁ ପଶ୍ଚିମବଙ୍ଗ ସରକାରଙ୍କ କ୍ଷେତ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ରାଜ୍ୟର ମୁଖ୍ୟମନ୍ତ୍ରୀ କିଂବା ତାଙ୍କର ଦାୟିତ୍ୱ ସମ୍ପନ୍ନ ଅଧିକାରୀ ବୃନ୍ଦଙ୍କ ଦେଖା ମିଳିନଥିଲା। ଯାହାକି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳିଆ ଆଚରଣ କେବେ ମଧ୍ୟ ଠିକ୍ କହିବା ନାହିଁ। ପଶ୍ଚିମବଙ୍ଗ ସରକାର ଏହିଭଳିଆ ପଦାଧିକାରୀଙ୍କୁ ଚାକିରୀରୁ ଏକ ନାଟକୀୟ ଘଟଣାକ୍ରମରେ ସ୍ୱେଚ୍ଛାକୃତ ଅବସର ନେବା ପରେ ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବରେ ନିଯୁକ୍ତି ଦେବା।

ସରକାର ଏବେ ଏହି ବିଷୟରେ ଗମ୍ଭୀରତା ସହିତ ଚିନ୍ତା କରିବା କଥା। ଅବସର ଗ୍ରହଣ ପରେ ଆଉ କାହାକୁ ପୁନର୍ବାର ତାଙ୍କ ଚାକିରୀ କାଳର ଅବଧିକୁ ବୃଦ୍ଧି କରନ୍ତୁ ନାହିଁ କିମ୍ବା ପୁନଃନିଯୁକ୍ତି ଦିଅନ୍ତୁ ନାହିଁ ଓ ନୂତନ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଇ ଏବେ ଯୋଉ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ଅଛନ୍ତି ସେମାନଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରନ୍ତୁ। ଯାହାକି ରାଷ୍ଟ୍ର ସକାଶେ ମଙ୍ଗଳବିଧାନ ସାବ୍ୟସ୍ତ ହେବ, ନଚେତ୍ ଆଉ କିଛିଦିନ ପରେ ଏମିତି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହେବ ତାହା ସରକାରଙ୍କ ପାଇଁ ନିଶ୍ଚୟ ଆତ୍ମଘାତୀ ସଦୃଶ୍ୟ ରହିବ।

*ସୋନପୁର*
*ଦୂରଭାଷ : ୮୧୪୪୮୭୦୭୨୯*

**ତୋ ଲାଗି ଗୋପଦାଣ୍ଡ ମନା....**

# ଏଥର ବି ଭକ୍ତଶୂନ୍ୟ ଘୋଷଯାତ୍ରା



ଶ୍ୟାମସୁନ୍ଦର ସାମଲ

ତୋ ଲାଗି ଗୋପଦାଣ୍ଡ ମନା...... ମର୍ମସ୍ପର୍ଶୀ ଜଗନ୍ନାଥଙ୍କ ଭଜନ ଏବେ ମନେପଡ଼ୁଛି। ଭକ୍ତ ଓ ଭଗବାନ ମଧ୍ୟରେ ଲକ୍ଷ୍ମଣରେଖା ଟାଣି ଦେଇଛି ମହାମାରୀ କରୋନା। ଗତବର୍ଷ ବଡ଼ଦାଣ୍ଡରୁ ମହାପ୍ରଭୁଙ୍କ ରଥଯାତ୍ରାକୁ ସ୍ୱଚକ୍ଷୁରେ ଦେଖିପାରି ନଥିଲେ ଭକ୍ତଗଣ। ଏଥର ବି ବଡ଼ଦାଣ୍ଡରେ ବାଡ ପକାଇଛି କରୋନା। ଅର୍ଥାତ୍ ପବିତ୍ର ରଥଯାତ୍ରାରେ ଭକ୍ତଙ୍କୁ ଶ୍ରୀକ୍ଷେତ୍ର ମନା। କିଛି ଭକ୍ତଙ୍କ କହିବା ଅନୁଯାୟୀ ଏବେ ଯେଉଁ କୋଭିଡ଼ ବିଭୀଷିକା ଚାଲିଛି ଏହା ପଛରେ ମୁଖ୍ୟ କାରଣ ହେଉଛି ବ୍ରହ୍ମ ବଦଳ ଅଘଟଣ। ଏତେବଡ଼ ଅନ୍ୟାୟକୁ ସତରେ କ'ଣ ବଡ଼ ଠାକୁର ବରଦାସ୍ତ କରିଯିବେ? ସରକାର ଇତିମଧ୍ୟରେ ସ୍ପଷ୍ଟ କରିଛନ୍ତି ଗଲା ବର୍ଷ ଭଳି ଏଥର ବି ବିନା ଭକ୍ତରେ ହେବ ଶ୍ରୀକ୍ଷେତ୍ର ରଥଯାତ୍ରା। ଯଦିଓ ଟିଭି ପରଦା ମାଧ୍ୟମରେ ଭକ୍ତ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଦେଖିପାରିବେ, କିନ୍ତୁ ବଡ଼ଦାଣ୍ଡରେ ହାତ ଟେକି ମହାବାହୁଙ୍କ ଦର୍ଶନ କରିପାରିବାକୁ ସୁଯୋଗ ମିଳିବନି। କରୋନା ସଂକ୍ରମଣ ବଢ଼ିବା ଆଶଙ୍କାରେ ଜନ ଜୀବନ ରକ୍ଷା ପାଇଁ ବାଧ୍ୟ ହୋଇ ଏଭଳି କଠୋର ଆକଟ ଲଗାଇଛନ୍ତି ରାଜ୍ୟ ସରକାର। ଯେଉଁ ରଥଯାତ୍ରା ଦେଖିବାକୁ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟି ଆସୁଥିଲେ ବଡ଼ଦାଣ୍ଡକୁ ଏ ବର୍ଷ ବି ସେଠି ବିନା ଭକ୍ତରେ ଗଡ଼ିବ ରଥ। ପ୍ରିୟ ଭକ୍ତଗଣଙ୍କୁ ସମ୍ମୁଖ ଦର୍ଶନରୁ ବଞ୍ଚିତ କରିବା ପାଇଁ ଏ କି ଲୀଳା ପ୍ରଭୁଙ୍କର ତାଙ୍କୁ ହିଁ ଜଣା। ଆସନ୍ତା ଜୁଲାଇ ୧୨ ତାରିଖରେ ହେବ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା। ସରକାର ଘୋଷଣା କରିଛନ୍ତି - ଏ ବର୍ଷ ବି କେବଳ ଶ୍ରୀକ୍ଷେତ୍ର ପୁରୀରେ ହିଁ ହେବ ରଥଯାତ୍ରା। ରାଜ୍ୟର ଆଉ କୌଣସି ଜାଗାରେ ରଥଟଣା ହେବନାହିଁ।

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମକ ନଲଭ୍ୟତେ'। ଭକ୍ତ ଆଶା କରିଥିଲା କୋଭିଡ଼ କଟକଣା ହଟିବ। ଚର୍ମ ଚକ୍ଷୁରେ ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖି ଜୀବନକୁ ସାର୍ଥକ କରିବ। ମାତ୍ର କୋଭିଡ଼ ଗତବର୍ଷ ଭଳି ମଧ୍ୟ ଦାଉ ସାଧିବ। ଏ ବର୍ଷ ମଧ୍ୟ ଭକ୍ତ ଭଗବାନଙ୍କ ମିଳନ ହୋଇପାରିବ ନାହିଁ। କିନ୍ତୁ ଭକ୍ତ ମନରେ ଉତ୍ସାହ ଜୋର ଅଛି। ମହାପ୍ରଭୁ ବଡ଼ଦାଣ୍ଡକୁ ଆସିବେ। ଟିଭିରେ ହେଉ ପଛେ ଠାକୁରଙ୍କୁ ଦେଖିବ। ରଥଯାତ୍ରା ଆସନ୍ତା ମାସ ୧୨ ତାରିଖରେ। ଆଜିର ତାରିଖ ସୁଦ୍ଧା ରଥ ନିର୍ମାଣ ଆଗରେ ଅଛି। ୪୨ରୁ ୩୯ ରଥଚକ କାମ ସରିଲାଣି। ରଥ ନିର୍ମାଣ ନିର୍ଦ୍ଧାରିତ ସମୟରେ ସରିଯିବ। ସବୁବର୍ଷ ରଥଯାତ୍ରା ଓ ବାହୁଡ଼ାକୁ ୭ରୁ ୮ ଲକ୍ଷ ଓ ସୁନାବେଶକୁ ୧୦ଲକ୍ଷରୁ ଅଧିକ ଭକ୍ତ ଆସନ୍ତି। ପ୍ରଶାସନର ଅଧିକାଂଶ ପ୍ରସ୍ତୁତି ସମୟ ଭକ୍ତଙ୍କ ସୁବିଧା ଯୋଗାଇଥାନ୍ତି। ଯୁଗେ ଯୁଗେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଅଗଣିତ ଶ୍ରଦ୍ଧାଳୁ ଧାଡ଼ି ଛୁଟିଆନ୍ତି ପୁରୀକୁ କେବଳ ମହାପ୍ରଭୁଙ୍କ ପତିତପାବନ ଯାତ୍ରା ପାଇଁ। ଏହି ପତିତପାବନ ଯାତ୍ରା ହେଉଛି ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ। ଯେଉଁମାନେ ମନ୍ଦିର ଭିତରକୁ ଯାଇପାରି ନଥାନ୍ତି ସେମାନେ ବର୍ଷକେ ଥରେ ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥଯାତ୍ରାରେ ସାମିଲ ହୋଇଥାନ୍ତି। ଚଳିତ ରଥଯାତ୍ରା ନିଷ୍ପତ୍ତିରେ କେବଳ ସେବାୟତ ଓ ପୋଲିସମାନେ ସାମିଲ ହେବେ। କରୋନା କଟକଣା ସହ ଏହା ସମାପନ ହେବ। ସ୍ନାନଯାତ୍ରା, ଗୁଣ୍ଡିଚା ଯାତ୍ରା, ବାହୁଡ଼ା, ନବମୀ ଦର୍ଶନ, ସୁନାବେଶ, ଅଧରପଣା ନୀତି ଓ ନୀଳାଦ୍ରୀ ବିଜେ ଆଦି ମହାପ୍ରଭୁଙ୍କ ପ୍ରତ୍ୟକ ନୀତିକାନ୍ତି କେବଳ ଟିକା ନେଇଥିବା ବା ଆରଟିପିସିଆର ରିପୋର୍ଟ ନେଗେଟିଭ ଥିବା ସେବାୟତମାନେ ହିଁ ନେବେ। ରଥଯାତ୍ରା ସମୟରେ ପୁରୀର ସମସ୍ତ ପ୍ରବେଶ ପଥ ବନ୍ଦ ରହିବ। ସ୍ୱତନ୍ତ୍ର ରିଲିଫ୍ କମିସନର କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି କରୋନା ମହାରାକ୍ଷସର ବିନାଶ କରନ୍ତୁ, ଭକ୍ତଜନ ତାଙ୍କୁ ଯେପରି ପୂର୍ବପରି ଦେଖିବେ ମହାପ୍ରସାଦ ଟିକିଏ ପାଇବେ ସେହି ଦିନକୁ ଅପେକ୍ଷା କରିଛନ୍ତି।

*ବିଡ଼ାନାସୀ, ବଣ୍ଡଛକ, କଟକ*
*ଦୂରଭାଷ : ୯୭୭୮୬୩୫୯୨୬*

# ବାପା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବୟସ ବିଳିତା। ଲିତା ଦଣ୍ଡ ଦିନବାର, ସପ୍ତାହ, ପକ୍ଷ, ମାସ, ବର୍ଷ କ୍ରମ ଦେଇ ବଢୁଛି। ଏ ମଧ୍ୟରେ ସମସ୍ତଙ୍କୁ ଗୋଚର କାହାର ଜନ୍ମ ତ କାହାର ମୃତ୍ୟୁ। ପୂର୍ବଜନ୍ମାର ଯୁବକାଳରେ ସନ୍ତାନ ଜନ୍ମ। ଜଣଙ୍କର ଯୁବା ବୟସରୁ ଆଉ ଜଣଙ୍କର ଜନ୍ମ ହେବା ଓ ସେଠାରୁ ସମୟ ଦିଜଣଙ୍କର ଏକ ନିର୍ଦ୍ଦିଷ୍ଟ ବ୍ୟବଧାନ ସମୟରେ ସମୟ ଆଗକୁ ବଢ଼ିଚାଲୁଛି। ପୂର୍ବ ଜନ୍ମାଙ୍କ ଶିକ୍ଷାଦୀକ୍ଷା ଅଭ୍ୟାସ ଦ୍ୱାରା ସଂସାର ଗଢ଼ିବାକୁ ଅର୍ଜନ କରିବା ବେଳେ ଖାଇବା ପିନ୍ଧିବା ରହିବା ବାବଦ ଖର୍ଚ୍ଚରେ ଯୋଡ଼ି ହୋଇଯାଏ। ନିଜର ସନ୍ତାନର ଲାଳନ ପାଳନର ଭାର ସନ୍ତାନ ନ ହେବା ପୂର୍ବରୁ ଯେତେ ଦାୟିତ୍ୱ ନିଭାଥାଏ ସନ୍ତାନ ଜନ୍ମ ପରଠାରୁ ଆହୁରି ପରିଶ୍ରମ ଅର୍ଜନ ଚିନ୍ତାଘାରେ। ସନ୍ତାନଟି ପ୍ରଥମ ଦୁଇ ଆଶ୍ରାରୁ ୧ମ ମାଆ ୨ୟ ବାପା। ମାଆ ସନ୍ତାନ ଗର୍ଭରେ ଧାରଣ ଦିନୁ ସନ୍ତାନକୁ ପୃଥିବୀର ପ୍ରତ୍ୟକ୍ଷ ଖାଦ୍ୟ ଆହରଣ ପର୍ଯ୍ୟନ୍ତ ମାଆ ହିଁ ଆଧାର ଦେଇ ବଞ୍ଚାଇଥାନ୍ତି। ହେଲେ ମାଆଙ୍କୁ ପୋଷଣହାର ତାଙ୍କର ସ୍ୱାମୀ ଅର୍ଥାତ ଶିଶୁର ବାପା। ସେ ଖଟିବା ବୃଦ୍ଧି ହେଲେ ବି ଥକିବା କହନ୍ତି ନାହିଁ ଏକ ଭବିଷ୍ୟତ ସ୍ୱପ୍ନ ଦେଖି କଠିନ ଅଧ୍ୟବସାୟ ଲିପ୍ତ ରହନ୍ତି।

ସଂସାରରେ ଅନେକ ପ୍ରକାର ବୃତ୍ତି ଅଛି। ଅନେକ ଧନୀ ଅଛନ୍ତି ଆଉ ବହୁତ ଲୋକ ବି ପରିଶ୍ରମ ହିଁ ତାଙ୍କର ମୂଳଧନ। ସନ୍ତାନ ଆକର୍ଷଣ ବିନ୍ଦୁ ସମସ୍ତଙ୍କର ସମାନ। ମୂଲିଆ ଘରେ, ଶ୍ରମିକ ଘରେ ସନ୍ତାନ ଧନୀ ଘର ଭଳି ହେଫାଜତ ନପାଇଲେ ବି ଦେଖାଯାଏ ଅନେକ ଶ୍ରମିକ ସ୍ତ୍ରୀଲୋକ ପେଟ ବା ପିଠିରେ ଲୁଗାରେ ପିଲାଟିକୁ ଧରି ସ୍ୱାମୀ ସହିତ ମୂଲକାମରେ ଲାଗି ରହିଛନ୍ତି। ହୁଏତ ମର୍କଟ ଠାରୁ ଏହି ଅନୁକରଣ। କଳାମୁହାଁ ମର୍କଟ ପେଟରେ ପିଲାର ବୋଝ ଧରି ଏ ଗଛରୁ ସେ ଗଛ ଧାଏଁ ତ ପାତିହନୁ ପିଠିରେ ପିଲାଧରି ତାର ଖାଦ୍ୟ ଅନ୍ୱେଷଣରେ ବାହାରିଥାଏ। ସମସ୍ତେ ଏକ ପ୍ରକୃତିର ଶୃଙ୍ଖଳାରେ ସନ୍ତାନ ପାଳନ କରୁଛନ୍ତି। ପକ୍ଷୀ ଶାବକକୁ ତାଙ୍କ ନୀଡ଼ରେ ନାରୀ ପକ୍ଷୀଟି ଡିମ୍ବ ଉଷୁମାରୁ ପିଲାଙ୍କ ଚକ୍ଷୁ ଖୋଲିବା ପର୍ଯ୍ୟନ୍ତ ଜଗିରହି ହେଫାଜତରେ କୁଆଡ଼େ ଯାଏନାହିଁ ସେତେବେଳେ ଶାବକ ମାନଙ୍କର ପିତା ଖାଦ୍ୟ ସଂଗ୍ରହ କରି ତାର ପତ୍ନୀ ଓ ପିଲାଙ୍କୁ ଥଣ୍ଟରେ ଧରି ବାରମ୍ବାର ଆସୁଥାଏ। ପ୍ରତି ଗୃହ ଏକ ପାଠଶାଳା। ମାତୃଭାଷା ଶବ୍ଦରୁ ଜଣାଯାଏ ବ୍ୟକ୍ତି ପ୍ରଥମେ ନିଜ ମାଆ ଠାରୁ ହିଁ ଭାଷା ଶିକ୍ଷା କରିଥାଏ। ଏକାକ୍ଷରି ମା ପିଲାଟି ପ୍ରଥମେ ଓଡ଼ିଆ ହେଉ ବଙ୍ଗଳା ହେଉ ହିନ୍ଦୀ ହେଉ ଉଚ୍ଚାରଣ ପରେ ମାର ଦ୍ୱିତୀୟ ଶିକ୍ଷା ତାଙ୍କର ସନ୍ତାନଙ୍କୁ ବାପା ଡାକ ଶିକ୍ଷା ଦେବା। ବାପା ଶବ୍ଦର ଆଦ୍ୟାକ୍ଷର ଶିଶୁ ବା ଡାକି ଦେଲେ ତାର ବାପା ଯେ ପ୍ରଥମେ କି ଆନନ୍ଦ ଅନୁଭବ ମନରେ କରନ୍ତି ଅଙ୍ଗେ, ନିଭାଇଲେ ଜାଣିହେବ ନାହିଁ। ଏକାକ୍ଷରୀ ଉଚ୍ଚାରଣ ପରେ ୨ ଅକ୍ଷରରେ ଭାବ ବୋଧକୁ ଆସି ବାପା ଡାକ ହୋଇଯାଏ। ବାପା ଡାକରେ ପିଲାର ବାପାର କଷ୍ଟଶ୍ରମ ଲାଘବ ହୋଇଯାଏ। ସେ ଭବିଷ୍ୟତର ଅନେକ ସ୍ୱପ୍ନ ସେ ପିଲାକୁ ନେଇ ଦେଖନ୍ତି। ପ୍ରକୃତରେ ସ୍ରଷ୍ଟାରେ ପିତା ହିଁ ଓଡ଼ିଆରେ ବାପା। ସ୍ରଷ୍ଟାଙ୍କ ସୃଷ୍ଟି ପ୍ରକ୍ରିୟାର ଚକ୍ର ଗଡ଼ାଇ ରଖିବା ପାଇଁ ପ୍ରତ୍ୟେକ ସେହି ଭୂମିକାରେ ଅଭିନୟ ଏ ସଂସାରରେ କରି ଚାଲୁଛନ୍ତି। ତେବେ ଅଭିନୟରେ ଯେ ଖାଲି ହିରୋ ରହନ୍ତି ଏମିତି ନୁହଁ କିଛି ଖଳନାୟକ ଭୂମିକା ରହିଛି। ବାପା ସହ ପୁଅର ବା ଝିଅର ମାମଲା ଅଦାଲତରେ ବିରଳ ନୁହଁ। ସ୍ୱେଚ୍ଛାଚାରୀ ଜୀବନ ଧର୍ମ ପରମ୍ପରା ରକ୍ଷାକରି ନପାରେ, ପ୍ରତି ବାପର ଦାୟିତ୍ୱ ବାପ ନ ନିଭାଇଲେ ଓ ପୁତ୍ରର ଭୂମିକା ଠିକ୍ ନ ଲିଭାଇଲେ ପ୍ରବଳ ପ୍ରତିବନ୍ଧକ ପ୍ରତି ଗୃହସ୍ଥରେ ଆସେ। ପିତାମହ ପଦବୀରେ ପ୍ରଜାପତି ବ୍ରହ୍ମା ରହିଛନ୍ତି। ସେ ସୃଷ୍ଟିର ସ୍ରଷ୍ଟା ଧରାଯାଏ। କିଏ କଣ ଖାଇବ ତାର ବ୍ୟବସ୍ଥା କରି ସେପରି ଜୀବଜନ୍ତୁ, ବୃକ୍ଷଲତା ତିଆରି କରିଛନ୍ତି। ମାଆ ସରସ୍ୱତୀ ମନୁଷ୍ୟ କୁବୁଦ୍ଧି ପ୍ରଦାନ କରିଛନ୍ତି, ମାଆ ଲକ୍ଷ୍ମୀ, ଚବ୍ୟ, ଚୋଷୀ, ଲେହ୍ୟ, ପେୟ ଧାରା କରାଇ ଜୀବଙ୍କ ପ୍ରାଣଧାରଣ ବ୍ୟବସ୍ଥା କରାଇଛନ୍ତି। ମନୁଷ୍ୟ ପାଇଁ ଗୌରୀ ବିଧାନ ସୌରୀ ବିଧାନ ଭୀମବିଧାନ ପରି ଖାଦ୍ୟ ପ୍ରସ୍ତୁତ ବିଧାନ ରଖାଇଛନ୍ତି। ହେଲେ ଏସବୁ ଉପାଦାନ ସେହି ପିତାମହଙ୍କର ବିଧାନ ହିଁ ଆଦି। ଭୀଷ୍ମଙ୍କୁ ପିତାମହ କୁହାଯାଏ। ପାଣ୍ଡବଙ୍କ ପିତା କୌରବଙ୍କ ପିତାଙ୍କର ସେ ପିତାଙ୍କର ବଡ଼ଭାଇ ଏଣୁ କୌରବ ପାଣ୍ଡବଙ୍କ ପିତାମହ। ସେ ନାତି ମାନଙ୍କର ଶିଶୁ ଠାରୁ ବଡ଼ ହେବା, କଣ ଏମିତିକି ପ୍ରଗତି ଦୁର୍ଗତିରେ ସେ ଜଡ଼ିତ ରହିଥିଲେ ଶେଷରେ ଦୁଇଦଳ ନାତିଙ୍କ କଳହରେ ବାଧ୍ୟ ହୋଇ ରାଜପକ୍ଷ ନେଇ ଲଢ଼ାଇ କରି ଯୁଦ୍ଧରେ ବୀରଗତି ଏକ ନାତି ଦ୍ୱାରା ହିଁ ଭୋଗିଛନ୍ତି। ହେଲେ ପାଣ୍ଡବେ ନାହାଁନ୍ତି କୌରବ ସବଂଶେ ଧ୍ୱଂସ ଭୀଷ୍ମଙ୍କର ଶ୍ରାଦ୍ଧ ଦିନର ଶ୍ରାଦ୍ଧ ତର୍ପଣ ହିନ୍ଦୁ ସମାଜ ଏବେ ବି କରୁଛନ୍ତି। ସତେଯେମିତି ସେ ଏବେ ବି ସମସ୍ତଙ୍କର ଜେଜେବାପା, ପିତାମହ। ଏମିତି ତାଙ୍କର କୃତି ରହିଛି ଯହିଁରେ ସେ ଦୈବକାରକୁ ପୁରୁଷକାର ଦ୍ୱାରା କ୍ଷତ୍ରୀୟ ମର୍ଯ୍ୟଦାରେ ମୁକାବିଲା କରିଛନ୍ତି। ସେ ପାରବ୍ଧକୁ ଭୋଗ କରି କରି କ୍ରିୟମାଣରେ ଅନେକ ସାରି ଏପରି ସଞ୍ଚିତ ରଖିଛନ୍ତି ଯାହା ଏବେ ଦ୍ୱାପର ଯୁଗ ଶତ ହୋଇ କଳିଯୁଗର ପାଞ୍ଚହଜାର ବର୍ଷ ଗତ ପରେ ପିଢ଼ି ପିଢ଼ି ପରେ ବି ତାଙ୍କ ନାମ ସ୍ମରଣ ରହିଛି। ତାଙ୍କର ନାମରେ ଜୟଶାସ୍ତ୍ର ମହାଭାରତର ୧୮ ପର୍ବ ମଧ୍ୟରୁ ଏକ ପର୍ବ ତାଙ୍କ ନାମରେ ଭୀଷ୍ମପର୍ବ ରହିଛି। ପୁଣି ସେହିପର୍ବରେ ଭଗବତ୍ ଗୀତା ରହିଛି। ଯାହାର ପ୍ରତି ଅଧ୍ୟାୟ ଶେଷରେ ଭୀଷ୍ମଙ୍କ ନାମ ବି ରହିଛି। ମହାଭାରତର ୧୮ଭାଗକୁ ଗୀତାରେ ୧୮ ଅଧ୍ୟାୟ। 'ଜୟ' ଅର୍ଥ ଅଙ୍କଶାସ୍ତ୍ରରେ ୮୧, ମାତ୍ର ଅଙ୍କମାନ ବାମକୁ ଗତି ଯୋଗୁ ଏହା ୧୮କୁ ବୁଝାଏ।

**ସମ୍ପାଦକ 'ନିୟତି'**
**ଅରୁଣୋଦୟ ନଗର, କଟକ**
**ଦୂରଭାଷ : ୯୪୩୭୦୩୧୨୫୩**



ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

ଏନ୍.ଏସ୍.କ୍ୟାଣ୍ଟିନ୍ ସାମ୍ନାରେ ପଡିଥିବା କାଠ ବେଞ୍ଚରେ ଦୁଇ ଚାରିଜଣ କଲେଜ ପିଲା ଜମାଇଥିଲେ ଖଟି। ନୂଆ ହିରୋ ହୁଣ୍ଡା ମୋଟରସାଇକେଲରେ ଆସି ଧଡାମ୍ କରି ବ୍ରେକ ଦେଲା ମନୋଜ। ଗାଡି ଅଟକାଉ ଅଟକାଉ ପ୍ରଶ୍ନ କଲା- କ'ଣ ଖାଲି ଖଟି ନା ଚା' ଫା ବରାଦ ହୋଇଛି।

ଆମେ ତ ଅପେକ୍ଷା କରିଥିଲୁ ତମକୁ। ତମେ ନ ଆସିଲା ଯାଏ ନା ଖଟି ଜମିବ ନା ଚା' ପିଆ।

ହଉ ହଉ ବରାଦ କର, ଡେରି କାହିଁକି? ଦୋକାନରେ ବୁଢ଼ା ଅଛି ତ?

ନା -ନା, ଆଜି ବୁଢ଼ା ଆସିନି, ଯିଏ ବସିଛି ସେ ତାଙ୍କ ପୁଅ।

ମନୋଜ ଦୋକାନ ଭିତରକୁ ଚାହିଁ ଦେଇ ଗୋଟେ ଇଉରେକା ଭାବ ଦେକାଇ କହିଲା- ଆରେ ନୃପ ଭାଇ, ତମେ ଆଜି ଦୋକାନରେ। ମୁଁ ଦୋକାନରେ ବସିଲେ କ'ଣ ବେଦ ଅଶୁଦ୍ଧ ହୋଇଗଲା କି?

ନା-ନା- ସେକଥା ନୁହେଁ, ମୁଁ ଶୁଣିଥିଲି ତମେ ଏଠିକା ରସଗୋଲାକୁ ଏକ୍ସପୋର୍ଟ କରିବା ପାଇଁ କ'ଣ ଗୋଟେ ପ୍ରୋଜେକ୍ଟ କରୁଥିଲ ତ, ସେଥିରୁ ଆସି ଏ ଦୋକାନରେ ବସିଲଣି ଯେ?

ଯାହା ଶୁଣିଥିଲ ସତ, ହେଲେ ତା' ପାଇଁ ସମୟ ଓ ପୁଞ୍ଜିର ଆବଶ୍ୟକତା ରହିଛି। ଏବେ ସେସବୁ ରିକ୍ସ ନେଇ ହେଉନି ତ? ଡି.ଆଇ.ସି.ଠାରୁ ଆରମ୍ଭ କରି ବ୍ୟାଙ୍କ ଯାଏ ସବୁ ସ୍କିମ୍‌କୁ ବୁଝିଲେ, ପ୍ରଶଂସା ବି କଲେ, ହେଲେ କେହି ରିକ୍ସ ନେବାକୁ ସାହାସ କରି ପାରିଲେନି। ମୋର ଡ୍ରିମ ପ୍ରୋଜେକ୍ଟକୁ ଶୀତଳ ଭଣ୍ଡାରରେ ପକାଇ ଦେଲେ। କେତେଦିନ ଆଉ ସ୍ୱପ୍ନ ପଛରେ ଧାଇଁ ଧାଇଁ ବାସ୍ତବତାକୁ ପ୍ରତ୍ୟାଖ୍ୟାନ କରିବି। ବାପା ଏବେ କେତେଟା ଘରୋଇ କାର୍ଯ୍ୟରେ ବ୍ୟସ୍ତ। ଘରୋଇ କାର୍ଯ୍ୟ କହିଲେ ସେହି ଗୋଟିଏ ଚିନ୍ତା ଭଉଣୀର ବାହାଘର ତ। ସେ ଯାଇଛନ୍ତି ବରଘର ଦେଖି। ଭାବିଲି ଦୋକାନ କାହିଁକି ବନ୍ଦ ହେବ, ମିସ୍ତ୍ରୀ ଓ ଚାକର ପିଲାମାନେ ତ ଅଛନ୍ତି ଖୋଲି ଦେବା।

ଭଲ କଲ-ଖୁବ୍ ଭଲ କଲ। ତେବେ ଆଜିଠାରୁ ତମେ ଏନ୍.ଏସ୍. ସିଂହାସନ ଆରୋହଣ କଲ। ସେଇ ଖୁସିରେ ହୋଇଯାଉ ଚା' ପାନର ପର୍ବଟିଏ।

ନୃପ-ଚା' ବରାଦ କରିଦେଇ ବାହାରକୁ ଚେୟାରଟିଏ ଆଣି ପିଲାମାନଙ୍କ ସହ ବସିଲା। ସେପଟେ ବସିଥାଏ ଚା' ଏପଟେ ଚାଲିଥାଏ ଗପର ଆସର। କଲେଜକୁ ସାଇକେଲରେ ଯାଉଥିବା ପିଲାଟିଏ ତା' ଦୋକାନ ଆଗରେ ଅଟକି ଯାଇ କହିଲା-ନୃପ ଭାଇ, ତମ ସାହିରେ ଯାତ୍ରା ଲାଗିଛି, ତମେ କ'ଣ ଏଠି?

ଯାତ୍ରା- କି ଯାତ୍ରାରେ ସକାଳୁ ସକାଳୁ?

ତମ ସାହି ସୁରଥ ସାହୁର ପୁଅ ସନାତନ ପା' ଫେରି ଆସିଛି ବମ୍ବେରୁ।

ଫେରି ଆସିଛି? କେତେବେଳେ?

ହେଇ, ଏବେ ଏବେ ଆଇଲା, ତା'ମାଆ ତ ଖୁସିରେ ଲହରା ପାରି କାନ୍ଦୁଛି, ସେଠିତ ମେଲଣ ଭିଡ ଲାଗିଛି, ଏଇନେ।

ଖୁବ୍ ଭଲ ଖବରଟିଏ ଦେଲୁରେ। ବୁଢ଼ୀତ ଆଶା ଛାଡଇ ଦେଇଥିଲା, କାନ୍ଦି କାନ୍ଦି ଅନ୍ଧୁଣୀ ହେବାକୁ ବସିଥିଲା। ଫିଲ୍ମରେ କାମ କରିବ ବୋଲି ବମ୍ବେ ଯାଇଥିଲା ଯେ ଯାଇଥିଲା। ନା ଚିଠି ପତ୍ର ନା ଖବର ଅନ୍ତର, କିଛି ନଥିଲା। ବୁଢ଼ୀ ତ ଧରି ନେଇଥିଲା ସେ ଆଉ ବଞ୍ଚି ନଥିବ ବୋଲି। ଆଉ ବର୍ଷ ଦିଇଟାରେ ବାରବର୍ଷ ପୂରିଥିଲେ ତାକୁ ଶୁଦ୍ଧି ହେବାକୁ ପଡିଥାଆନ୍ତା। ଈଶ୍ୱର ତାକୁ ସଦ୍‌ବୁଦ୍ଧି ଦେଲେ ସେ ଫେରିଆସିଲା।

ଈଶ୍ୱର ସଦ୍‌ବୁଦ୍ଧି ଦେଲେ ନା ଚୋପା। ବମ୍ବେରେ ଦଙ୍ଗା ଚାଲିଛି ବୋଲି ପଳାଇ ଆସିଛି ଶୁଣୁଛି।

ଓହୋ-ଦଙ୍ଗା ଭୟରେ ପଳାଇ ଆସିଛି ତାହେଲେ?

ହଁ-ହେଲେ ମୁଁ ପୂରା ଖବରଟା ପାଇନି, ମୋର କ୍ଲାସ ଥିଲା ତ ପଳାଇ ଆସିଲି।

ହଉ-ହଉ, ତୁ ତୋ କ୍ଲାସକୁ ଯାଆ, ମୁଁ ଖବର ନେଉଛି ଏ ବିଷୟରେ।

ଚା' ଗ୍ଲାସରେ ଢ଼ୋକ ଦେଉ ଦେଉ ମନୋଜ ପଚାରିଲା- ନୃପ ଭାଇ, କିଏ କହିଲ ସେ ସନାତନ।

(କ୍ରମଶଃ)



# ବିଭିନ୍ନ କବିତା

## ଭିକ୍ଷା

**ଯଶୋବନ୍ତ ସେଠୀ**



ଉଧାରରେ କାଟିଦେଲି ଆଜୀବନ
ସକାଳ, ସଞ୍ଜ, ଶ୍ରାବଣ, ଫଗୁଣ
ଶୈଶବ, କୈଶୋର, ଯୌବନ।

କେହିଜଣେ କିଣିଥିଲା ମୋ' ପାଇଁ
ସୁଖର ସମ୍ବଲପୁରୀ ରୁମାଲ୍
ପୋଛିଦେବ ବୋଲି ମୋ'
ଆଖିକୋଣର
ଯେତେସବୁ ଅଦ୍ରବୀଭୁତ ଲବଣ।
ଧୁନ୍ଦୁଲା ଦିଶିଲା
ଚିହ୍ନି ପାରିଲିନି ତାକୁ; ବରଂ
ଚିହ୍ନିବା ଆଗରୁ ମୋ' ଆଖିର ଲୁହ
ତା ଛାଇରେ ପଡି
ଲାଲ୍ ଦିଶିଲା ତା' ବେନି ନୟ।



ଶୁଣ ନଗ୍ରଜନେ!
ମାଗୁନାହିଁ ମୁଁ ଡାଏନୋସରର ଜୀବାଶ୍ମ
ଇତିହାସର ହସ
ଅବା ଚାତକର ଶୋଷ।
ପାରୁଛ ଯଦି ଭରିଦିଅ
ମୋ ଥାଳରେ
ଅନୁତପ୍ତ କୁନ୍ତୀର ତିଳ ତିଳ
ଅବସୋସ
ଅଭିଶପ୍ତ କର୍ଣ୍ଣର ମୁହୁର୍ମୁହୁ ଦୀର୍ଘଶ୍ୱାସ
ଅନଭିଜ୍ଞ ଅଭିମନ୍ୟୁର ଅଦମ୍ୟ
ଆତ୍ମବିଶ୍ୱାସ ଅବା
ବେଣୀବନ୍ଧନ ଦିନ ପାଞ୍ଚାଳୀ ଓଠର
ଚେନାଏ ମନଖୋଲା ହସ।

*୩ ଆର/୨, ମ୍ୟୁଜିୟମ ଅଞ୍ଚଳ,*
*ଭୁବନେଶ୍ୱର*



## ଗୀତାଞ୍ଜଳୀ

**ବଙ୍ଗଳା - ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋର**
**ଓଡ଼ିଆ ଅନୁବାଦ - ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ**

ନତ କରିଦିଅ ତୁମେ ମସ୍ତକ ମୋର
ତବ ଚରଣଧୂଳିର ତଳେ
ସକଳ ଅହଂକାରକୁ ମୋର
ଦ୍ରବୀଭୂତ କରିଦିଅ ଅଶ୍ରୁ ଜଳେ।

ଆତ୍ମମୁଗ୍ଧତାରେ ହୋଇ ଗର୍ବିତ
କରେ କେବଳ ନିଜସ୍ୱ ଅପମାନ,
ଆତ୍ମକୈନ୍ଦ୍ରିକତାର ଚିନ୍ତାରେ ଜର୍ଜର
ମରୁଥାଏ ନିଜ ପାଇଁ ପ୍ରତି କ୍ଷଣ।
ସକଳ ଅହଂକାରକୁ ମୋର
ଦ୍ରବୀଭୂତ କରିଦିଅ ଅଶ୍ରୁ ଜଳେ।

କରୁଥାଏ ମୁଁ ଯୋଉ ବି କାର୍ଯ୍ୟ
ଆତ୍ମ ପ୍ରଚାରରୁ ଥାଏ ମୁଁ ଦୂରେ
ଜୀବନକୁ ମୋ ଆପଣେଇ ତୁମେ
ଇଛାକୁ ତବ କର ହେ ପୂର୍ଣ୍ଣ।

ମୁଁ ଚାହେଁ ତୁମ ପରମ ଶାନ୍ତି
ପ୍ରାଣରେ ତୁମ ପରମ କାନ୍ତି
ସାହାରା ହୋଇ ତୁମେ ହିଁ ଥାଅ
ହୃଦ-କମଳର ଶତଦଳରେ।

ସକଳ ଅହଂକାରକୁ ମୋର
ଦ୍ରବୀଭୂତ କରିଦିଅ ଅଶ୍ରୁ ଜଳେ।

ଓଡ଼ିଆ ଅଧ୍ୟାପିକା
*ସରକାରୀ ଏସ୍‌ଏସ୍‌ଡି, ଏଚ୍‌ଏସ୍‌ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,*
*ବାଲିଶଙ୍କରା, ସୁନ୍ଦରଗଡ*

# ପ୍ରଭୁ

**ବିଜୟ କୁମାର ପଣ୍ଡା**





ହୁତ ହୁତ ହୋଇ ଜଳୁଥିଲା ଜଙ୍ଗଲ। ସମସ୍ତେ ଭୟଭୀତ ଦୌଡୁଥିଲେ ଯେଣେତେଣେ ଆପଣାପଣେ। ପ୍ରାଣଟା ବଞ୍ଚିଯାଉ ହେ ପ୍ରଭୂ। ଯଦିଓ ଜଙ୍ଗଲ ଜଳିବାର କାରଣ ଅଜଣା, ହେଲେ ଏ ଜଙ୍ଗଲରେ ଦାମୀ କାଠ ନାହିଁ କି ବେଶି ହରିଣ ନାହାଁନ୍ତି। ସୁତରାଂ କାଁ ଭାଁ ମଣିଷ ମାନେ ଯାତାୟାତ କରନ୍ତି। ତେଣୁ ଏ ଦୌଡ଼ରେ କେବଳ ବନ୍ୟ ପ୍ରାଣୀ ସାମିଲ। ଜଙ୍ଗଲ ଶେଷରେ ଯେଉଁ ଛୋଟିଆ ପୋଖରୀ ପରି ସ୍ଥିର ଆବଦ୍ଧ ମାନ ଜଳରାଶି ଅଛି ତାହା ଜନବସତିର ପାଖାପାଖି। ପୋଖରୀରେ ପାଣି କମ ପଙ୍କ ବେଶୀ। ସେଠାରେ ଗୋମାତା ଟିଏ ଜଳପାନ ଉଦ୍ଦେଶ୍ୟରେ ଆସି ପୋଖରୀ ଭିତରକୁ ପଶିଯାଇଛି ଯେ ଆଉ ବାହାରି ପାରୁନି। ଜଙ୍ଗଲର ରାଜା ସିଂହ ଦୌଡୁ ଦୌଡୁ ଆସି ପହଞ୍ଚିଲେ ସେଇ ପୋଖରୀ ପାଖରେ। ସେଠାରେ ଗୋମାତାକୁ ଦେଖି ତାଙ୍କ ଭିତରେ ଶିକାରୀ ଜାଗି ଉଠିଲା। ଗୋମାତାର ମାଂସ ଲୋଭ ତାଙ୍କୁ ଲାଗିଲା। ସିଂହ ରାଜା ପୋଖରୀ ଭିତରକୁ ଲମ୍ଫ ପ୍ରଦାନ କଲେ।

ପୋଖରୀର ପଙ୍କ, ରାଜା ଅବା ପ୍ରଜା ସମସ୍ତଙ୍କ ପାଇଁ ସମାନ। ପଙ୍କ ଦାଉରୁ ସିଂହ ରାଜା ଅବା କେମିତି ରକ୍ଷା ପାଇଥାନ୍ତେ? ସେ ବି ଫସିଲେ କିନ୍ତୁ ଗୋମାତାକୁ ଭକ୍ଷଣ କରିବାର ଲୋଭ ତାଙ୍କୁ ଛାଡୁ ନଥାଏ।

ସିଂହ ରାଜା :ଦେଖ୍ ..ଏବେ ମୁଁ ତୋର ବହୁତ ପାଖରେ। ଏବେ ମୋତେ ମୋ ଶିକାରରୁ କେହି ବଞ୍ଚିତ କରିପାରିବେନି।

ଗୋମାତା:ହେ ଜଙ୍ଗଲର ରାଜା ଏବେ ଆମେ ଦୁହେଁ ଏଇ ପଙ୍କର କବଳରୁ କେମିତି ରକ୍ଷା ପାଇବା ସେଇକଥା ଚିନ୍ତା କଲେ ଆମ ଦୁହିଁଙ୍କ ପାଇଁ ଲାଭଦାୟକ ହେବ।

ସିଂହରାଜା : ତୁ ମୋ ଶିକାର, ତୋତେ ଉଦ୍ଧାର କରିବି ବୋଲି କେମିତି ଭାବୁଛୁ ଯେ? ଜଣେ ଶିକାରୀ ତାର ଶିକାରକୁ ତ୍ୟାଗ କରି ତାକୁ ସାହାଯ୍ୟ କରିବା କେବେ ଶୁଣିଛୁ? ମୁଁ ତୋ ହାଡ଼ ମାଂସକୁ ଖାଇ ଯେଉଁ ଆନନ୍ଦ ଲଭିବି ତାହା ଭାବି ମୁଁ ଅନେକ ଆନନ୍ଦିତ ଏବଂ ଉତ୍ଫୁଲ୍ଲିତ। ଏଇତ ଆଉ କିଛିକ୍ଷଣ ମାତ୍ର।

ଯେହେତୁ ସେ ଜଙ୍ଗଲର ରାଜା, ସବୁଠାରୁ ଶକ୍ତିଶାଳୀ ବନ୍ୟପ୍ରାଣୀ ତେଣୁ ସିଂହର ଅହଂ ତାଙ୍କୁ ହାର ମାନିବାକୁ ଦେଉନଥାଏ। ସିଂହ ରାଜା ଆହୁରି ଚେଷ୍ଟା କଲେ, ଖୁବ୍ ବଳ ଲଗାଇଲେ କିନ୍ତୁ କିଛି ଫଳ ହେଲାନି। ସେ ଆହୁରି ପଙ୍କ ଭିତରେକି ଫସିଲେ। ଏବେ ବେକ ଯାଏଁ ପାଣି।

ସିଂହରାଜାଙ୍କ ଏ ପ୍ରୟାସ ଦେଖି ଗୋମାତା ମଧ୍ୟ ଜୀବନ ବିକଳରେ ଅନୁରୂପ ପ୍ରୟାସ କରିବାକୁ ଲାଗିଲେ ..କିନ୍ତୁ ଫଳ କିଛି ହେଲାନି। ଏବେ ଦୁଇଜଣ ପଙ୍କ ଭିତରେ ବେକ ଯାଏଁ ଫସି ରହିଲେ।

ଗୋମାତା : ଯେତେ ଚେଷ୍ଟାକଲେ ବି ଏବେ କିଛି ଲାଭ ନାହିଁ ରାଜା। ହେଲେ ଗୋଟିଏ କଥା ମୋତେ କହିବେ? ଆପଣଙ୍କ ପ୍ରଭୂ କିଏ? ସେ କଣ ଆପଣଙ୍କୁ ଉଦ୍ଧାର କରିପାରିବେନି?

ସିଂହ ରାଜା: ମୁଁ ଜଙ୍ଗଲର ରାଜା ମୋର ପୁଣି ପ୍ରଭୂ କିଏ? ଏଇ ଜଙ୍ଗଲର ସମସ୍ତ ବନ୍ୟପ୍ରାଣୀ ମୋର ଅନୁଗାମୀ। ସେମାନେ ମୋର ନିର୍ଦ୍ଦେଶ ମାନିବାକୁ ବାଧ୍। ମୁଁ ହିଁ ଏଠି ସମସ୍ତଙ୍କର ପ୍ରଭୂ।

ଗୋମାତା : କିନ୍ତୁ ମୋର ମାଲିକ ହେଉଛନ୍ତି ମୋର ପ୍ରଭୁ। ସେ ଭାରି ଯତ୍ନବାନ ଏବଂ ଦାୟିତ୍ୱବାନ। ମୁଁ ଘରକୁ ନଫେରିବା ଦେଖି ସେ ନିଶ୍ଚୟ ମୋତେ ଖୋଜି ଖୋଜି ଆସିବେ ଆଉ ମୋତେ ନିଶ୍ଚୟ ଉଦ୍ଧାର କରି ନେଇଯିବେ। ତୁମର କେହି ପ୍ରଭୂ ନାହାନ୍ତି କିଏ ଉଦ୍ଧାର କରିବାକୁ ଆସିବ?

ସିଂହରାଜା ଗୋମାତାଙ୍କର ଏତାଦୃଶ୍ୟ ଆତ୍ମବିଶ୍ୱାସ ଦେଖି ଚକିତ ଥିଲେ। ଏବେ ସେ ଗୋମାତାଙ୍କର କଥା ମନକୁ ମନ ବିଚାର କରିବାକୁ ଲାଗିଲେ।

ଇତିମଧ୍ୟରେ ଗୋମାତା ଘରକୁ ଫେରିବା ଡେରି ହେବା ଦେଖି ତାଙ୍କ ମାଲିକ ଖୋଜା ଖୋଜି କରୁଥିଲେ। ଜଙ୍ଗଲରେ ନିଆଁ ଲାଗିବାର ଦେଖି ଡାକ ଛାଡ଼ିଲେ। ଲୋକମାନେ ଜଙ୍ଗଲ ଆଡ଼କୁ ଧାଁ ଧପଡ଼ କଲେ। ପୋଖରୀ ଡେଇଁଲେ ଜଙ୍ଗଲ।

ଗୋମାତାଙ୍କ ମାଲିକ ଖୋଜି ଖୋଜି ଆସି ପହଞ୍ଚିଲେ ସେଇ ପୋଖରୀ ପାଖେ। ଗୋମାତାଙ୍କୁ ଉଦ୍ଧାର କରିବାକୁ ଉପାୟ ପାଞ୍ଚିଲେ ଚେଷ୍ଟାକଲେ କିନ୍ତୁ ପାଖରେ ସିଂହରାଜାକୁ ଦେଖି ସେ ଭୟଭୀତ ଥିଲେ। ହେଲେ ବି ଚିନ୍ତାକଲେ ଯଦି ସିଂହରାଜା ତାଙ୍କ ବଳ ଲଢ଼େଇ ଏ ପୋଖରୀରିର ପଙ୍କରୁ ଉଦ୍ଧାର ପାଇ ପାରିଥାନ୍ତେ ତାହେଲେ ଗୋମାତାକୁ କେତେବେଳରୁ ଶିକାର କରିସାରିଥାନ୍ତେ। ତେଣୁ ସେ ଭୟଭୀତ ନହୋଇ ଅନ୍ୟମାନଙ୍କ ସାହାଯ୍ୟ ନେଇ ଗୋମାତାକୁ ଉଦ୍ଧାର କଲେ। ଫେରିବା ବାଟରେ ଗୋମାତା ତାଙ୍କ ମାଲିକ ପ୍ରତି କୃତଜ୍ଞ ଥିଲେ। ବିଚାରା ସିଂହରାଜା ସେମିତି ପଙ୍କ ଭିତରେ ଫସି ରହି ତାଙ୍କର ପ୍ରଭୂ କିଏ ବୋଲି ଚିନ୍ତିତ ଥିଲେ।

*ସମ୍ପାଦକ-କନକପ୍ରଭା*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର*
*ଦୂରଭାଷ : ୯୭୩୯୫୯୧୮୧୬*








**ରିୟାନ୍ସ ପଣ୍ଡା**
ଷ୍ଟାଣ୍ଡାର୍ଡ - ୨
ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ
ବାଙ୍ଗାଲୋର

# କବିତାର କଥା

(ଭାଗ-୨୪)



**ଉମାକାନ୍ତ ରାଉତ**



## ମହାନ କବିର ଲକ୍ଷଣ-ବୋଧଗମ୍ୟ ଭାଷା

କିଞ୍ଚିତ୍ ଭାବେ ହେଉପଛେ ଆମେ ଆଦିକବି ସାରଳା ଦାସ, ତାଙ୍କର ବୃତ୍ତାନ୍ତ ଏବଂ ସୃଷ୍ଟି ରହସ୍ୟକୁ ନ ବୁଝି କବିତା ଲେଖିବା କିମ୍ବା ନିଜକୁ କବି ବୋଲି କହିବା, ବାପ ଥାଇ ବି ନିଜକୁ ଅନାଥ କଲାଭଳି କଥା।

କାରଣ-ଯାହା ନାହିଁ ଭାରତେ ତାହା ନାହିଁ ଭାରତେ। ଏଠାରେ ପ୍ରଥମ ଭାରତେଟି ମହାଭାରତକୁ ଇଙ୍ଗିତ କରି କୁହାଯାଇଛି। ମୁନୀ ସାରଳା ଦାସ ନିଜେ କହିଛନ୍ତି -

"ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟ ଭାରତ
ତୃତୀୟେ ଲିଖନ କହ ଶିରି ଭାଗବତ"

ଏଥିପାଇଁ ପୂର୍ବରୁ କୁହାଯାଇଛି ଯେ, ସାରଳାଙ୍କ କୃତ ମହାଭାରତ ଉତ୍କଳୀୟ ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ମହାନ ଜୟଗୀତିକା। ସଂସ୍କୃତ ମହାଭାରତରୁ ଉପାଦାନ ସଂଗ୍ରହ କରାଯାଇ ସେଇ ଆଧାରରେ ଏହା ଲେଖାଯାଇଥିଲେ ହେଁ ଏଥିରେ ଅନୁକରଣ ନାହିଁ : ଅଛି ଅନୁସରଣ।

ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ଜନଜୀବନର କଥା, ସାମାଜିକ ଅବସ୍ଥା, ଇତିହାସ, କିମ୍ବଦନ୍ତୀ, ଧର୍ମ, ଦର୍ଶନ, ପ୍ରଥା, ପରିବେଶ, ପ୍ରାକୃତିକତା, ନଈ, ନାଳ, କୃଷି, ଗାଆଁ, ନଦନଦୀ, ଜଳ, ଜମି, ଜଙ୍ଗଲ, ସ୍ଥାବର, ଜଙ୍ଗମ, ଜୀବନଜୀବିକା ଆଦି ସମସ୍ତ ପ୍ରସଙ୍ଗ ତାଙ୍କର କାବ୍ୟିକ ରଚନାରେ ସଂଶ୍ଳିଷ୍ଟ ହୋଇଛନ୍ତି। ଓଡ଼ିଆ ମହାଭାରତର ଏହି ମୌଳିକତା ଓ ନୂତନତ୍ୱ ପାଇଁ ଏହା ଅନନ୍ୟ ଓ ସମଗ୍ର ଭାରତବର୍ଷର ଅନ୍ୟ ଅଞ୍ଚଳମାନଙ୍କରେ ଲେଖାଯାଇଥିବା ମହାଭାରତ ଗୁଡିକ ମଧ୍ୟରେ ଶ୍ରେଷ୍ଠ ବୋଲି ସ୍ୱୀକୃତ।

ଏହାର ପଂକ୍ତିଗୁଡିକ ସରଳ, ସାଙ୍ଗୀତିକ, ଅକୃତ୍ରିମ ଏବଂ ଖୁବ୍ ଶକ୍ତିଶାଳୀ। କଥିତ ଲୋକଭାଷା, ପ୍ରଚଳିତ ଲୋକମୁଖର ଢଗଢମାଳି ତଥା ସ୍ଥାନୀୟ ଆଞ୍ଚଳିକ ଭାଷାର ବହୁଳ ବ୍ୟବହାର ତାଙ୍କ କାବ୍ୟ ରଚନାକୁ ସଂସ୍କୃତ ପଞ୍ଜାରୁ ମୁକ୍ତ କରି ( free from SANSKRITISATION) ଓଡ଼ିଆ ଭାଷା ପୁନଃ ଜାଗରଣର ମୂଳଦୁଆ ସ୍ଥାପନ କରିଛି। ଦେହସର୍ବସ୍ୱ ପ୍ରେମ ଆଦୌ ତାଙ୍କ ରଚନା ସମୂହର ଅନ୍ତଃସ୍ୱର ନୁହେଁ, ଧର୍ମ ସଂସ୍ଥାପନାର୍ଥେ ଧର୍ମାନୁମୋଦିତ ଯୁଦ୍ଧ ହିଁ ତାଙ୍କ ରଚନା ସମଗ୍ର ମୁଖ୍ୟସ୍ୱର (The predominant centiment in his inscriptions is not Love but War motivated by a strong religious zeal)

ଭାରତବର୍ଷରେ ପ୍ରଖ୍ୟାତ ସମାଲୋଚକ/ଗବେଷକମାନେ କହନ୍ତି- "Vyasa's Mahabharata is the Epic of india whereas Sarala Das's work is an epic of india in its frame but an Epic of Odisha in particular. It conceives strongly Yoga. Law and the Science of Wareface etc.

ପ୍ରଚଳିତ ଭାଷାକୁ ବ୍ୟବହାର କରି ଓଡ଼ିଆ କାବ୍ୟ ସାହିତ୍ୟକୁ ଲୋକାଭିମୁଖୀ କରିବାରେ ସାରଳା ଥିଲେ ଅଗ୍ରଦୂତ, ତେଣୁ ସେ ଆମର ଅଗ୍ରପୂଜ୍ୟ। ସାରଳାଙ୍କୁ ଅନୁଧ୍ୟାନ କରି ଆମେ ଜାଣୁଛୁ ଯେ ଜଣେ ମହାନ କବିର ସ୍ୱାତନ୍ତ୍ର୍ୟ ହେଲା - ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଜଟିଳ ଭାବକୁ ବ୍ୟକ୍ତ କରିବା, ଯାହାକି ସଭିଏଁ ସହଜ ଓ ସୁବିଧାରେ ବୁଝି ହୃଦୟଙ୍ଗମ କରି ପାରିବେ। ସାରଳା ଦାସ ଥିଲେ ସେହିଭଳି ଜଣେ ଯୋଗଜନ୍ମା ମହାନ କବି। ତେଣୁ ସେ ଅକ୍ଲେଶରେ ସମସ୍ତଙ୍କର ହୃଦୟ ଜିଣିପାରୁଥିଲେ।

ହେଲେ ପରିତାପ ଓ ବିଡମ୍ବନାର ବିଷୟ ଏହି ଯେ ଆଜିର କେତେକ କବିଡିଣ୍ଡିମ କବିତ୍ୱ ପାଇଁ ନୁହେଁ, ବରଂ ନିଜର ଅହଂଭୂଷିତ ପାଣ୍ଡିତ୍ୟର ପ୍ରଦର୍ଶନ ପାଇଁ ବୁଝି ହେଉ ନଥିଲା ଭଳି ଏବଂ ଦ୍ୱିଅର୍ଥସୂଚକ କ୍ଲିଷ୍ଟ ଶବ୍ଦ ବ୍ୟଞ୍ଜନାର ଉତ୍କଟତାରେ କବିତାକୁ ମାରା କରିଦେଉଥିବାର ଲକ୍ଷ୍ୟ କରାଯାଉଛି। ନିଜର ସ୍ଥିତି, ପରିଚୟ, ଭୌତିକ ପଦପଦବୀ ଓ ଅଳୀକ ପ୍ରତିଷ୍ଠାକୁ ଆଳ କରି କିମ୍ବା ସ୍ଥଳବିଶେଷରେ ପ୍ରତିଷ୍ଠା ଜାହିର କରିବା ପାଇଁ, ସେମାନଙ୍କ କବିତାକୁ ହଜମ କରିବା ପାଇଁ କୁଶଳୀ ପାଠକ (skilled reader)ର ଆବଶ୍ୟକତା ଅଛି ବୋଲି ଢ଼ମ ଦେଖାଉଛନ୍ତି! (ସରକାରୀ ଦସ୍ତାବିଜରେ ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ତାଲିମ ପ୍ରଦାନ କରାଯାଇ କୁଶଳୀ କାରିଗର, ଅତି କୁଶଳୀ କାରିଗର, ଅଣକୁଶଳୀ କାରିଗର, କୁଶଳୀ ଶ୍ରମିକ, ଅଣକୁଶଳୀ ଶ୍ରମିକ, ସଂଗଠିତ / ଅସଙ୍ଗଠିତ ଶ୍ରମିକ, ଚାଷୀ, ନାମମାତ୍ର ଚାଷୀ.... ଇତ୍ୟାଦି ନାମକରଣ କରାଯାଇ ସେହି ଅନୁସାରେ ପ୍ରାପ୍ୟ ପ୍ରଦାନ କରାଯାଏ। ହେଲେ ସାହିତ୍ୟ କ୍ଷେତ୍ରରେ ସେମିତି ସବୁ ପାହ୍ୟା ପାଇଁ ତାଲିମର ଆବଶ୍ୟକତା ଅଛି କି ନାହିଁ ସେକଥା ପାଠକେ ବିଚାର କରିବେ। ଉପରୋକ୍ତ ପ୍ରତିଷ୍ଠାସର୍ବସ୍ୱ କବିମାନେ ସରଳ ଓ ବୋଧଗମ୍ୟ ଭାଷାରେ କାବ୍ୟ କବିତା ଉପସ୍ଥାପନର ପ୍ରୟାସରତ କବିମାନଙ୍କୁ ତଳପାହ୍ୟାରୁ ପ୍ରତିଭାରହିତ ଉପାଦାନ ବୋଲି ତାଚ୍ଛଲ୍ୟ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି।

ପୁଣି ସେମାନେ ନିର୍ଲଜ୍ଜଭାବରେ ନିଜକୁ ସାରଳାଙ୍କର ଉପଯୁକ୍ତ ଉତ୍ତରଦାୟାଦ ବୋଲି ପ୍ରଚାର କରିବାକୁ ସୁଖ ମଣୁଛନ୍ତି, ଯଦିଓ ସାରଳାଙ୍କ ଦୃଷ୍ଟିଭଙ୍ଗୀର ଲେସ୍ ମାତ୍ର ସ୍ପର୍ଶ ତାଙ୍କ ଚିନ୍ତା ଓ ଚେତନତାର ପାଖ ମାଡିନାହିଁ। ବାହ୍ୟ ଯୌନ ଉତ୍ତେଜନା ସୃଷ୍ଟିକାରୀ ହଟ୍ କେକୀୟ କବିତା ଲେଖି ତାଙ୍କୁ ଶୃଙ୍ଗାର ରସ ବୋଲି କାହଲୀ ଫୁଙ୍କିବା ସାରଳା ସାହିତ୍ୟର ପରିପନ୍ଥୀ ହୋଇପାରିବ କି? ଏକଥା ବୁଝିବାକୁ ହେଲେ ଆମକୁ ମାଟିର କବି, ମାଆର କବି, ମାନବଜାତିର କବି ସାରଳାଙ୍କୁ ବୁଝିବାକୁ ପଡିବ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

### ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ନୋଡାଲ ବୈଠକ

# ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ସଜାଗ ରହିବା ଉପରେ ଗୁରୁତ୍ୱ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ନୋଡାଲ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାରେ ବନ୍ୟା, ବାତ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉ କି ନହେଉ, ଆଗାମୀ ବର୍ଷା ଋତୁ ଶେଷ ହେବା ପର୍ଯ୍ୟନ୍ତ ୨୪ ଘଣ୍ଟା ସତର୍କ ରହିବା ପାଇଁ ଜିଲ୍ଲାପାଳ ଡଃ ମିଶ୍ର ସମ୍ପୃକ୍ତି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା କୋଭିଡ୍ ସଂକ୍ରମଣ ସମ୍ପର୍କରେ ବ୍ଲକ୍ ଦ୍ୱାରା ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ବ୍ୟାପକ ଟୀକାକରଣ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ଟୀକାକରଣ ଜନିତ ଗୁଜବ ଏବଂ ଅନ୍ଧବିଶ୍ୱାସର ପ୍ରତିହିତ ସୃଷ୍ଟି କରିବା ଏବଂ ଗ୍ରାମାଞ୍ଚଳରେ ଟୀକାକରଣରୁ ଯେପରି କେହି ବାଦ ନ ପଡନ୍ତି, ସମସ୍ତଙ୍କୁ ଟୀକାକରଣ ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ନିର୍ବାଚିତ ପ୍ରତନିଧି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ନୋଡାଲ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଆଶା, ଅଙ୍ଗନବାଡି, ଏଏନ୍ଏମ୍ ଦିନି ସମ୍ପୃକ୍ତ ଡାକ୍ତର ଏବଂ ମହିଳା ମଣ୍ଡଳ




ବେସରକାରୀ ସଂସ୍ଥାଙ୍କୁ ନେଇ ଏକ ସଚେତନତା ବୈଠକ ଅଭାସି ମାଧ୍ୟମରେ ଆୟୋଜନ କରି ପରାମର୍ଶ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଅନୁସନ୍ଧାନ,ପରୀକ୍ଷା, ଚିକିତ୍ସାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଉମରକୋଟ ଠାରୁ ରାଇଘର ପର୍ଯ୍ୟନ୍ତ ରାସ୍ତାର ମଧ୍ୟରେ ଥିବା ଖାଲ ଖମାର ଆବଶ୍ୟକ ମରାମତି କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୀତି ଆୟୋଗ ଦ୍ୱାରା ସ୍ବୀରକୃତ ହୋଇଥିବା ବିଦ୍ୟାଳୟରେ ସମ୍ରାଟ ଶ୍ରେଣୀ ଗୃହ ବ୍ୟତିତ ଅଧିକନ୍ତୁ ଆଉ ଦୁଇଟି ସମ୍ରାଟ ଶ୍ରେଣୀ ଗୃହ ସମ୍ପୃକ୍ତ ବିଦ୍ୟାଳୟରେ ନିର୍ମାଣ କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ନିର୍ଦ୍ଧାରିତ ବୃକ୍ଷ ରୋପଣ ପ୍ରକ୍ରିୟାକୁ ଅଧିକ ତ୍ୱରାନିତ କରିବା ନିମନ୍ତେ ବିଭାଗୀୟ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଡଃ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ନୋଡାଲ ଅଧିକାରୀ ପିଡିଡିଆରଡିଏ ରମାକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ ରତ୍ନାକର ସାହୁ, ଉପଜିଲ୍ଲାପାଳ ଭାସ୍କର ରୋଇତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଲ, ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓଡିଆ ଗ୍ରାମୀଣ ଉନ୍ନତି ଓ ବିପଅଣ ସଂସ୍ଥା, ଉମା ମହେଶ, ଜିଲ୍ଲା ନିୟୋଜନ ଅଧିକାରୀ ତତ୍ୱମସି ମହାପାତ୍ରଙ୍କ ବ୍ୟତୀତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲ୍ଲା ସାମଜ କଲ୍ୟାଣ ଅଧିକାରୀ ମେହେରୁ ମିଶା, ବେଗମ, ଜିଲ୍ଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଞ୍ଚାନନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ଜିଲ୍ଲା ଯୋଗାଣ ଅଧିକାରୀ ସଂଜୀବ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ପ୍ରଫୁଲ୍ଲ କୁମାର ମିଶ୍ର ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଗ ଜେନେରାଲ ମ୍ୟାନେଜର ଜିଲ୍ଲା ଶିଳ୍ପ କେନ୍ଦ୍ର ଏ ବାଣେଶ୍ୱର ରାଓ, ସୁବୁଦ୍ଧିଙ୍କ, ଜିଲ୍ଲା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ସହିତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଣ ଯୋଗ ଦେଇଥିଲେ।

# ପଦୋନ୍ନତି ନେଇ ଅମଲା ସଂଘର ଅସନ୍ତୋଷ

**ନବରଙ୍ଗପୁର :** ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଓଡିଶା ରାଜସ୍ୱ ଅମଲା ସଙ୍ଘ ରାଜ୍ୟ ନେତୃବୃନ୍ଦଙ୍କ ସହିତ ହୋଇଥିବା ବୈଠକର ନିଷ୍ପତ୍ତି ପ୍ରକାରେ ଜିଲ୍ଲା ସ୍ତରର ସମସ୍ତ ରାଜସ୍ୱ ଅମଲାଙ୍କ ବରିଷ୍ଠତା ଅନୁଯାୟୀ ପ୍ରସ୍ତୁତ ହୋଇଥିବା ତାଲିକାକୁ ଗ୍ରହଣ କରି ପ୍ରତିଷ୍ଠାନ ଅଧିକାରୀ ଏବଂ ବରିଷ୍ଠ ପ୍ରତିଷ୍ଠାନ ଅଧିକାରୀ ପଦବୀ ସୃଷ୍ଟି କରି ପଦୋନ୍ନତି ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ, ପରବର୍ତ୍ତୀ ସମୟରେ ଏହାର ବ୍ୟତିକ୍ରମ ହୋଇ ସାଧାରଣ ବିବିଧ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୩୭୮୩୫ ତା ୨୮.୧୨.୨୦୧୮ ପ୍ରକାରେ ଜିଲ୍ଲାର ସମସ୍ତ ବିଭାଗର ସେକ୍ସନ ଅଫିସରକୁ ନେଇ ବରିଷ୍ଠ ତାଲିକା ପ୍ରସ୍ତୁତ କରି ପଦୋନ୍ନତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା, ଯଦ୍ୱାର ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାଙ୍କ ମନରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି, ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡିଶା ରାଜସ୍ୱ ଅମଲା ସଙ୍ଘ ତୀବ୍ର ବିରୋଧ କରିବା ସହିତ ପ୍ରତ୍ୟାହାର କରିବା ପାଇଁ ବିଭିନ୍ନ ସମୟରେ ଦାବି କରୁଥିଲେ ମଧ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିଳମ୍ବ କରୁଥିବାରୁ, ବିଜ୍ଞପ୍ତି ବିରୁଦ୍ଧରେ ନ୍ୟାୟ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ନିମନ୍ତେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ନାୟକ,ରାୟଗଡା ଜିଲ୍ଲା ସଭାପତି ମନୋଜ କୁମାର ରଥ, ସମ୍ପାଦକ, ମୁରଲୀ ମୋହନ ପଣ୍ଡା, ଅନିତା ଦାସ, କୋରାପୁଟ ଜିଲ୍ଲା ସଭାପତି ମନୋଜ କୁମାର ବାରିକ, ସମ୍ପାଦକ, ନିତ୍ୟାନନ୍ଦ ଭତ୍ରା, ମାଲକାନଗିରି ଜିଲ୍ଲା ସଭାପତି, ବସନ୍ତ କୁମାର ପଣ୍ଡା, ସମ୍ପାଦକ, ଶଶୀ ଭୂଷଣ ସେଠି ଙ୍କ ସହିତ ସମସ୍ତ ଜିଲ୍ଲାର ସଭାପତି, ସମ୍ପାଦକ, ରାଜ୍ୟକାର୍ଯ୍ୟକାରୀ ସଭ୍ୟ, ରାଜ୍ୟ କର୍ମକର୍ତ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡରାଇଲାଣି ...

ଯେମିତି ଶୀଘ୍ର ଟିକା ନେଇପାରିବେ, ତା'ର ବିଚାର କରନ୍ତୁ। ଦ୍ୱିତୀୟ ଲହର ବେଳେ ଆଶାତୀତ ଭାବେ ସଂକ୍ରମଣ ବିବାରୁ ଏକାଧିକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଲକଡାଉନ ଲାଗୁ କରିଥିଲେ। ଏବେ ସଂକ୍ରମଣ କମିବା ସହ ଆକ୍ଟିଭ କେସ୍ ହ୍ରାସ ପାଇବାରୁ ଅଧିକାଂଶ ରାଜ୍ୟ କଟକଣା କୋହଳ କରିବା ଆରମ୍ଭ କରିଛନ୍ତି। ତେବେ କଟକଣା କୋହଳ କରିବା ବେଳେ ରାଜ୍ୟ ସରକାର ଗ୍ରାଉଣ୍ଡରେ କରୋନା ସ୍ଥିତିର ଆକଳନ କରନ୍ତୁ। ଏହାପରେ କୋହଳର ନିଷ୍ପତ୍ତି ନିଅନ୍ତୁ। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନେ ବେଶ ସତର୍କତାର ସହ ଅନଲକ ପ୍ରକ୍ରିୟା ସମ୍ପର୍କରେ ନିଷ୍ପତ୍ତି ନେବା ଉଚିତ। ବିଭିନ୍ନ ସ୍ଥାନରେ କରୋନା ନିୟମ ଯଥା- ସାମାଜିକ ଦୂରତା, ମାସ୍କ, ସାନିଟାଇଜେସନ ଓ ଭେଣ୍ଟିଲେସନର ବ୍ୟବସ୍ଥା ହୋଇଛି କି ନାହିଁ, ତା'ର ତଦାରଖ କରନ୍ତୁ। ଏଥିସହ ଟେଷ୍ଟ, ଟ୍ରାକ ଓ ଟ୍ରିଟମେଣ୍ଟକୁ କଟକଣା କୋହଳ ହେବା ପରେ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

### ପିଲାଙ୍କ ପାଇଁ ...

ଅଧିକାଂଶ ସମୟରେ ହସ୍ପିଟାଲ ଆସୁଥିଲେ। ତେବେ ମାସ୍କ ଓ ସାମାଜିକ ଦୂରତା ମହାମାରୀ ସମୟରେ ପିଲାମାନେ ଏହି ରୋଗ ସଂସ୍ପର୍ଶରେ ଆସି ନାହାନ୍ତି। କିନ୍ତୁ ସ୍ଥିତି ସ୍ୱାଭାବିକ ହେଲେ ରେସ୍ପିରେଟୋରୀ ସିଙ୍କସିଆଲ ଭାଇରସ ଅଧିକ ଘାତକ ସାଜିପାରେ। କାରଣ ମହାମାରୀ ଶେଷ ହେବା ପରେ ମାସ୍କ, ସାମାଜିକ ଦୂରତା ଓ ଅନ୍ୟ କଟକଣା ହଟିଯିବ। ଫଳରେ ପିଲାମାନେ ରେସ୍ପିରେଟୋରୀ ସିଙ୍କସିଆଲ ଭାଇରସ ସଂସ୍ପର୍ଶରେ ପୁଣି ଆସିବେ। ଏହି ସମୟରେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଇଥିବାରୁ ଆରଏସ୍ଭି ଅଧିକ ସାଂଘାତିକ ଅବସ୍ଥା ସୃଷ୍ଟି କରିବାର ଆଶଙ୍କା ରହିଛି। ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେଲେ, ଏହାକୁ ମାତ ଦିଆଯାଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ରେସ୍ପିରେଟୋରୀ ସିଙ୍କସିଆଲ ଭାଇରସ ରୋଗ ପ୍ରତିରୋଧକ ଶକ୍ତି କମ ରହୁଥିବା ପିଲାଙ୍କୁ ଅଧିକ ଆଟାକ କରେ। ମହାମାରୀ ପୂର୍ବରୁ ବ୍ରିଟେନରେ ବାର୍ଷିକ ୫ ବର୍ଷରୁ କମ ବୟସ୍କ ୩୦,୦୦୦ ପିଲା ରେସ୍ପିରେଟୋରୀ ସିଙ୍କସିଆଲ ଭାଇରସ ସଂସ୍ପର୍ଶରେ ଆସି ହସ୍ପିଟାଲରେ ଭର୍ତ୍ତି ହୋଇଥାଆନ୍ତି। ହେଲେ ଏବେ ଏହି ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛିୟ ଏହା ଏକ ଭଲ ଖବରୟ କିନ୍ତୁ ମହାମାରୀ ପରେ କ'ଣ ହେବ, ସେକଥା କୁହାଯାଇ ନପାରେ।

### ପ୍ରତି ୪୦ ସେକେଣ୍ଡରେ ...

କେତେକ କ୍ଷେତ୍ରରେ ଏକ ପ୍ରକାର କଷ୍ଟସାଧ ହେଉଥିବାରୁ ଚାକିରି ହରାଇବା, ଆର୍ଥିକ ଚାପ ଏବଂ ସାମାଜିକ ବିଛିନ୍ନତା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ କରୁଛି। ରିପୋର୍ଟ ମୁତାବକ, ୧୫ ରୁ ୨୯ ବର୍ଷ ବୟସର ଯୁବକମାନେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ଦୁର୍ଘଟଣା, ଯକ୍ଷ୍ମା ଏବଂ ପାରସ୍ପରିକ ହିଂସା ପରେ ଆତ୍ମହତ୍ୟା ଏବେ ମୃତ୍ୟୁର ଚତୁର୍ଥ ପ୍ରମୁଖ କାରଣ ପାଲଟିଥିବା ରିପୋର୍ଟରେ ପ୍ରକାଶ ପାଇଛି। ପ୍ରତ୍ୟେକ ବର୍ଷ ପ୍ରାୟ ସାରା ବିଶ୍ୱରେ ୭ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟା କରୁଥିବା ବେଳେ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଉଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି, ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଥିବା ବେଳେ ସେହି ସମୟ ମଧ୍ୟରେ ଅନ୍ୟ ୨୦ଜଣ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ରିପୋର୍ଟ ମୁତାବକ, ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଗୁଡିକରେ ୭୭ପ୍ରତିଶତ ଆତ୍ମହତ୍ୟା ଘଟୁଥିବା ବେଳେ, ବିଶ୍ୱବ୍ୟାପୀ ୧.୩ପ୍ରତିଶତ ମୃତ୍ୟୁ ଆତ୍ମହତ୍ୟା ଜନିତ ବୋଲି କୁହାଯାଇଛି ଯାହା ବିଭିନ୍ନ କାରଣ ମଧ୍ୟରୁ ୧୭ତମ କାରଣ ଅଟେ।

### ଡବଲ ମାସ୍କ ...

ଭାବରେ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଏକବର୍ଷରୁ ଅଧିକ ସମୟ ଧରି କରୋନା ବିରୁଦ୍ଧରେ ଲଢ଼େଇ ଜାରି ରହିଛି। ଅପ୍ରେଲରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଲହରରେ ରୋଗୀଙ୍କ ଅକ୍ସିଜେନ୍ ସ୍ତର କମିବା ଏକ ବଡ ସମସ୍ୟା ହୋଇ ଦେଖାଦେଇଛି। ତେଣୁ ଆମର ସବୁ ହସ୍ପିଟାଲରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ- ଏହା ହେଉଛି ଆମର ସବୁ ବିପର୍ଯ୍ୟୟ ପରିଚାଳନାର ଆଧାର। କୋଭିଡ୍ କ୍ଷେତ୍ରରେ ମଧ୍ୟ ଏହି ଆଧାରରେ ସବୁ କୋଭିଡ୍ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଓ ଔଷଧ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଆଗଧାଡିରେ ରହି କାମ କରୁଥିବା ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ ସେମାନଙ୍କର ସେବା ଓ ତ୍ୟାଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ପରିଶେଷରେ ସମସ୍ତଙ୍କ ସହଯୋଗରେ ଓଡ଼ିଶା ସହିତ ସାରା ମାନବ ଜାତି କୋଭିଡ୍ ଲଢ଼େଇରେ ବିଜୟ ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ ନବ ଦାସ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ସମୀର ଦାଶ, ରଘୁନନ୍ଦନ ଦାସ, ରାଜ୍ୟସଭା ସାଂସଦ ଏବଂ ବିଧାୟକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୋଭିଡ୍ ଲଢ଼େଇରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ। ଉନ୍ନୟନ କମିଶନର ପିକେ ଜେନା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିରୋଧ କରିବାରୁ ...

ପଞ୍ଚାୟତ ନିର୍ବାଚନ ପୂର୍ବରୁ କିଭଳି ଭୋଟର ତାଲିକାରେ ଚଢ଼ାଇ ହେବ ସେଥିପାଇଁ ମଧ୍ୟ ଉଦ୍ୟମ କରୁଛନ୍ତି। ଏହାକୁ ସ୍ଥାନୀୟ ଲୋକ ଦେଖୁଥିଲେ ମଧ୍ୟ ଦଲାଲମାନେ ପୋଷିଥିବା ଗୁଣ୍ଡାମାନଙ୍କ ଭୟରେ କେହି ମୁହଁ ଖୋଲୁନାହାନ୍ତି। ସୂଚନାଥାଉ କି, ଯେବେଠାରୁ ଚନ୍ଦକା ଥାନାରେ ଆଇଆଇସି ଶ୍ରୀ ବିଶ୍ୱାଳ ଯୋଗ ଦେଇଛନ୍ତି ସେବେଠାରୁ ସ୍ଥାନୀୟ ଅଞ୍ଚଳର ମଦ ମାଫିଆ, ଜମି ମାଫିଆ, କାଠ ମାଫିଆ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଫଳରେ ସେମାନଙ୍କ ବେପାର ଏକପ୍ରକାର ଠପ୍ ହୋଇଯାଇଛି। ଯେଉଁଥିପାଇଁ ଏହି ଜମି ଦଲାଲମାନେ ପ୍ରତିହିଂସା ପରାୟଣ ହୋଇ ଶ୍ରୀ ବିଶ୍ୱାଳଙ୍କୁ କିପରି ଏଠାରୁ ବଦଳି କରିହେବ ଉଦ୍ୟମ ଜାରି ରଖିବା ସହିତ ସାମାଜିକ ସ୍ତରରେ ତାଙ୍କୁ କିଭଳି ବଦନାମ କରିହେବ ସେଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ସବୁସ୍ତରରେ ଶ୍ରୀ ବିଶ୍ୱାଳଙ୍କୁ କିଭଳି ବଦ୍‌ନାମ କରିହେବ ଚକ୍ରାନ୍ତ ଚଳାଇଛନ୍ତି। ହେଲେ ପୋଲିସ ବିଭାଗରେ ଯୋଗଦେବା ଦିନଠାରୁ ଶ୍ରୀ ବିଶ୍ୱାଳ ଜଣେ ନିଷ୍ଠାପର ଅଫିସର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅତୀତରେ ଥାନା ଅଞ୍ଚଳକୁ ଏକ ସୌନ୍ଦର୍ଯ୍ୟଭରା ପରିବେଶ ସୃଷ୍ଟି କରି ସେ ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କର କର୍ତ୍ତବ୍ୟ ପରାୟଣତା ବଳରେ ସେ ଅପରାଧୀ ଦମନ କରିବା ସହିତ ନିଜ ଥାନା ଅଞ୍ଚଳରେ କିଭଳି ଶାନ୍ତି, ଶୃଙ୍ଖଳା ବଜାୟ ରହିବ ଏବଂ ଜନସାଧାରଣ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ଅହରହ ଉଦ୍ୟମ କରୁଛନ୍ତି। ଚନ୍ଦକା ଅଞ୍ଚଳରେ ବେଆଇନ କାରବାର କରୁଥିବା କିଛି ଲୋକ ପ୍ରଥମେ ପ୍ରଥମେ ଶ୍ରୀ ବିଶ୍ୱାଳଙ୍କ ସହ ସାଲିସ୍ କରି ତାଙ୍କୁ କିଭଳି ହାତରେ ରଖି ନିଜର କଳା କାରନାମା ଜାରି ରହିବ ଏଥିପାଇଁ ଉଦ୍ୟମ କରି ଫେଲ ମାରିଥିଲେ। ଲୋକଙ୍କୁ ନ୍ୟାୟ ଦେବା ପାଇଁ ଶ୍ରୀ ବିଶ୍ୱାଳଙ୍କ ପ୍ରଚେଷ୍ଟା ଜାରି ରହିଥିଲା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିନା କାରଣରେ କୌଣସି ତଥ୍ୟ ପ୍ରମାଣ ନଥାଇ ତାଙ୍କୁ ବଦ୍‌ନାମ କରିଚାଲିଛନ୍ତି। ତେବେ କମିଶନରେଟ୍ ପୋଲିସର ଏଭଳି ଜଣେ ଦକ୍ଷ ଅଫିସରଙ୍କୁ ବଦନାମ କରାଗଲେ ବିଭାଗରେ ଭଲ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଉପରେ ଏହାର କୁପ୍ରଭାବ ପଡିବ ନିଶ୍ଚୟ। ତେଣୁ ପୋଲିସର ମନୋବଳ ନ ଭାଙ୍ଗି ସେମାନଙ୍କୁ ସହଯୋଗ କଲେ ଅପରାଧୀକ କାର୍ଯ୍ୟକଳାପ କମିବା ସହିତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ସହ ଲୋକେ ନିରାପଦରେ ରହିପାରିବେ।

### ସ୍ୱିସ୍ ବ୍ୟାଙ୍କରେ ...

ଆଉ ସବୁବେଳେ ଏହା ହ୍ରାସ ଘଟିଥିଲା। ୨୦୨୦ରେ ସ୍ୱିସ୍ ବ୍ୟାଙ୍କରେ ଥିବା ୨୦,୭୦୦ କୋଟି ମଧ୍ୟୁ କଷ୍ଟମ ଡିପୋଜିଟ୍ ଭାବେ ୪୦୦୦ କୋଟି ଟଙ୍କା, ଅନ୍ୟ ବ୍ୟାଙ୍କ ଗୁଡିକ ଜରିଆରେ ୩୧୦୦ କୋଟି ଟଙ୍କା, ଟ୍ରଷ୍ଟ ମାଧ୍ୟମରେ ୧୬.୫ କୋଟି, ବଣ୍ଡ, ସିକ୍ୟୁରିଟିଜ୍ ଓ ଅନ୍ୟାନ୍ୟ ମାଧ୍ୟମରେ ୧୩୫୦୦ କୋଟି ଟଙ୍କା ରଖାଯାଇଛି।

### କଳାବଜାରୀରେ ଚାଲୁଛି ...

ଏସବୁ ଔଷଧ ଦୋକାନୀମାନଙ୍କ ଠାରୁ ଔଷଧମାନ ଯାଞ୍ଚ କରିବା ନିମନ୍ତେ ନମୁନା ସବୁ ଲ୍ୟାବକୁ ପଠାଯାଇ ପାରାନ୍ତା ତେବେ ଆଗାମୀ ଦିନରେ ଜୀବନରକ୍ଷାକାରୀ ଔଷଧ ଉପରେ ଲଗାମ ଲଗାଯାଇପାରନ୍ତା ଏବଂ ରୋଗୀମାନେ ବିପଦରୁ ବଞ୍ଚିପାରନ୍ତେ । କୋଭିଡ୍ ଔଷଧ କେବଳ କଟକରେ କଳାବାଜାରୀ ହେଉନାହିଁ ଏହାର ଚେର ଜଗତ୍‌ସିଂହପୁର ଜିଲ୍ଲା ବଡ ବଡ଼ ମେଡିସିନ୍ ଷ୍ଟୋରମାନଙ୍କରେ ଲୁଚଛପା ବଳରେ ଦଲାଲମାନଙ୍କ ଦ୍ୱାରା ବିକ୍ରୟ କରାଯାଉଛି । ପ୍ରତି ମେଡିସିନ୍ ଷ୍ଟୋର୍ ମାନଙ୍କରେ ସିସି କ୍ୟାମେରା ଲଗାଇ ଗ୍ରାହକମାନଙ୍କୁ ଯେଉଁସବୁ ଔଷଧ ବିକ୍ରୟ କରାଯାଉଛି ସେମାନଙ୍କୁ ରସିଦ୍ ଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ବାଲିଘାଟ ଅବଧି ଶେଷ : ଆନନ୍ଦପୁରରୁ ରାତିସାରା ଚାଲିଛି ଚୋରା ଚାଲାଣ

**ଆନନ୍ଦପୁର :** ଆନନ୍ଦପୁର ଓ ଘଷିପୁରା ତହସିଲ ଅଧିନରେ ଥିବା ବାଲିଘାଟ ସୌରାତ ଗୁଡିକ ନିଲାମ ଅବଧି ଚଳିତ ଜୁନ ମାସ ୮ତାରିଖରେ ଶେଷ ହୋଇଥିଲେ ସୁଦ୍ଧା ସେହି ସବୁ ଘାଟ ମାନଙ୍କରୁ ପୂର୍ବପରି ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନିକ କଟକଣାକୁ ଟାଳିବା ପାଇଁ ରାତି ୧୦ଘଟିକା ପରେ ସକାଳ ପର୍ଯ୍ୟନ୍ତ ରାସ୍ତାରେ କେବଳ ଓଭର ଲୋଡିଙ୍ଗ ବାଲି ଗାଡି ଯାଉଥିବା ପ୍ରଶାସନିକ ଅଧିକାରୀଙ୍କ ନଜର ଲାଗୁ ନଥିବା ଚିନ୍ତାର କାରଣ ହୋଇଛି। ଚୋରା ଚାଲାଣ କାରୀ ମାନେ ବିଭିନ୍ନ ଛକ ଓ ବାଲି ଘାଟ ପ୍ରବେଶ ପଥରେ ଧରପଗଡ଼ ପାଇଁ ପଇଁତରା ମାରି ରାତିସାରା ହାଇୱା ଯୋଗେ ବାଲି ଚୋରା ଚାଲାଣ କରୁଥିଲେ ମଧ୍ୟ ଆଖପାଖ ଅଞ୍ଚଳବାସୀ ଟ୍ରାକ୍ଟରରେ ମୁଠାଏ ବାଲି ପାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁରର ବେଲବାହାଳୀ, ଟୁକୁଣା, ଆନନ୍ଦପୁର, ଅମାରଙ୍ଗ,କୋଡ଼ପଡା ବାଲିଘାଟର ଲିଜ ଅବଧି ଶେଷ ହୋଇଯାଇଛି। ଲିଜ ଅବଧି ସରିବା ପରେ ଟୁକୁଣା ଓ ଆନନ୍ଦପୁର ଘାଟର ପୁନଃ ନିଲାମ ଶେଷ ହୋଇଛି। ଅନ୍ୟ ଘାଟ ଗୁଡିକର ନିଲାମ ହୋଇନାହିଁ। ଏକା ସାଙ୍ଗରେ ପାଞ୍ଚଟି ପ୍ରମୁଖ ଘାଟ ବନ୍ଦ ହୋଇଯିବାରୁ ଆନନ୍ଦପୁରରେ ବାଲିର ଅଭାବ ଦେଖାଦେଇଛି। ଏହାର ସୁଯୋଗ ନେଇ ବାଲି ମାଫିଆ ମାନେ ବେଆଇନ ଭାବେ ବାଲି ଉଠାଇ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ପଞ୍ଚୁପଲ୍ଲୀ



ଘାଟରେ ସଂଧ୍ୟା ହେଲେ ବାଲି ମାଫିଆଙ୍କ ଗହଳି ଲାଗୁଛି। ବୈତରଣୀ ନଦୀରୁ ଟ୍ରାକ୍ଟରରେ ବିଭିନ୍ନ ସ୍ଥାନକୁ ବାଲି ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୋଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ଆନନ୍ଦପୁର ପୋରାଞ୍ଚଳର ପଦ୍ମପୁର, କୁମୁଣିଆ, ଘଷିପୁରା ବ୍ଲକର ବାତୋ, ଦେଓଗାଁ, ହାତିଶୀଳା, ଆନନ୍ଦପୁର ବ୍ଲକର ବେଲବାହାଳୀ, କୁଶେଇ ନଦୀରୁ ଏବଂ କନ୍ତ ନିକଟରେ ମୂଷଳ ନଦୀରୁ ନିୟମିତ ବାଲି ଚାଲାଣ କରାଯାଉଛି। ମାଫିଆ ମାନେ ଅସ୍ଥାୟୀ ରାସ୍ତା ନିର୍ମାଣ କରି ବାଲି ପରିବହନ କରୁଛନ୍ତି। କେତେକ ବେଆଇନ ଭାବେ ବାଲି ଗଛିତ ରଖି ସୁବିଧା ଦେଖି ହାଇୱାରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଆନନ୍ଦପୁର ଓ ଘଷିପୁରାରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବାକୁ ଦୁଇଟି ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ଚୋରି ରୋକିବାକୁ ଏହି ସ୍କ୍ୱାର୍ଡ ରାତିଅଧିଆ ଧରପଗଡ଼ କରିବାକୁ ବିଭିଓ ମହଲରେ ଦାବି ହୋଇଛି।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ନବରଙ୍ଗପୁର :** ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ଅଧକ୍ଷତାରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଏହି ବୈଠକରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନେଇ ଉଦବେଗ ପ୍ରକାଶ ପାଇଥିଲା। ଚୁକ୍ତିଭିତ୍ତିକ ରାଜ୍ୟ ସରକାରୀ କର୍ମଚାରୀ ନିୟମିତ ସରକାରୀ କର୍ମଚାରୀଙ୍କ ଭଳି ସମାନ ଦାଇତ୍ୱ ସମାନ କାମ କରିଥାନ୍ତି, କିନ୍ତୁ ସରକାର ଛଅ ବର୍ଷ ପର୍ଯ୍ୟନ୍ତ କମ ଦରମା ଦେଇ ଛଅ ପରେ ନିୟମିତ କର୍ମଚାରୀ ମାନ୍ୟତା ଦେଇଥାନ୍ତି। ତେଣୁ, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ, ସମାନ କାମକୁ ସମାନ ଦରମା ନ୍ୟାୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମ ପ୍ରତ୍ୟାହାର କରି ନିୟମିତ ନିଯୁକ୍ତି ଦେବା ନିମନ୍ତେ, ସରକାରଙ୍କ ନିକଟରେ ଦାବି ରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ସେହିପରି, ରାଜସ୍ୱ ଅମଲା ମାନେ ବିଭିଓ ସମୟରେ ଅନୁକୂଳ ପରିସ୍ଥିତିରେ ବିଭିଓ ଦପ୍ତରରେ କାମ କରିଥାନ୍ତି। କେନ୍ଦ୍ର ସରକାରଙ୍କ ନିର୍ବାଚନ ହେଉ ଅବା ଜନଗଣନା କିମ୍ବା ରାଜ୍ୟ ସରକାରଙ୍କ ବିଭିଓ ଉନ୍ନୟନ ମୂଳକ କାର୍ଯ୍ୟ, ରାଜ୍ୟ ସରକାରଙ୍କ ବତୀଶ ଗୋଟି ବିଭାଗରେ କାର୍ଯ୍ୟ କରିଥାନ୍ତି। ବନ୍ୟା, ବାତ୍ୟା ହେଉ କିମ୍ବା ଯେକୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଜୀବନକୁ ଭ୍ରୁକ୍ଷେପ ନ କରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ବାହାରକୁ ଆସିଥାନ୍ତି, ଯେଉଁ ସମୟରେ କିଛି ଲୋକେ ବାହାରକୁ ବାହାରିବା ପାଇଁ ସମ୍ଭବ ହେଉ ନ ଥାଏ। ସେଥିପାଇଁ ଓଡ଼ିଶାର ରାଜସ୍ୱ ଅମଲା ମାନଙ୍କୁ ସ୍ୱତନ୍ତ୍ର ପ୍ୟାହାର ମାନ୍ୟତା ପ୍ରଦାନ ପାଇଁ, ସରକାରଙ୍କ ନିକଟରେ ପୁନଶ୍ଚ ଦାବି ରଖିବା ନିମନ୍ତେ ସର୍ବସଂମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ସେହିଭଳି କୋଭିଡ - ୧୯ ସମୟରେ ସାରା ରାଷ୍ଟ୍ରର ଜନସାଧାରଣ ଗୃହ ମଧ୍ୟରେ ଆବଦ୍ଧ ହୋଇ ରହିଥିବା ସମୟରେ ରାଜସ୍ୱ ଅମଲା କର୍ମଚାରୀ ମନେ ନିଜ ଜୀବନକୁ ଖାତିରି ନକରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ, ଯଦ୍ୱାରା ଓଡ଼ିଶାର ଷାଠିଏରୁ ଅଧିକ ରାଜସ୍ୱ ଅମଲା ସରକାରୀ କାର୍ଯ୍ୟ ସମ୍ପାଦନା ସମୟରେ କରୋନା ସଂକ୍ରମଣରେ ସଂକ୍ରମିତ ହୋଇ ପ୍ରାଣ ତ୍ୟାଗ କରି ସାରିଛନ୍ତି। ତେଣୁ, ରାଜସ୍ୱ ଅମଲା ମାନଙ୍କୁ ପ୍ରମୁଖ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିବା ସହିତ ସରକାରଙ୍କ ଦ୍ୱାରା ଘୋଷିତ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ଏବଂ ପରିବାରର ଜଣକୁ ସରକାରୀ ଚାକିରି ଦେବା ପାଇଁ ଦାବି କରିଥିଲେ।

# ବିଦ୍ୟାଧରପୁରରେ ବିଦ୍ୟୁତ ସଂଯୋଗ ବିଳମ୍ବକୁ ନେଇ ଅସନ୍ତୋଷ

**ଆନନ୍ଦପୁର :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବିଦ୍ୟାଧରପୁର ବିଦ୍ୟୁତ ସବଷ୍ଟେସନକୁ ଆଗରପଡା ଗ୍ରୀଡ଼ରୁ ବିଦ୍ୟୁତ ସଂଯୋଗ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତେଜୁଥିବା ଅସନ୍ତୋଷ ଆନ୍ଦୋଳନର ରୂପ ନେଉଛି। ବିଦ୍ୟାଧରପୁର ବିଦ୍ୟୁତ ସବଷ୍ଟେସନରୁ ବାଙ୍ଗୋର, ଧନୁର୍ଜୟପୁର, ବାଲିବରେଇ, ସୋସୋ, ପଢ଼ିଆରୀପଲ୍ଲୀ, କେ.ବାଲିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଆଗରପଡାରୁ ବିଦ୍ୟାଧରପୁର ସବଷ୍ଟେସନ ମାତ୍ର ୮କିଲୋମିଟର ଦୂର ହୋଇଥିବାବେଳେ ୨୫କିଲୋମିଟର ଦୂର ଓରାଳି ଗ୍ରୀଡ଼ରୁ ଏଠାକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଫଳରେ ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଦିନଦୀନ ଧରି ବିଦ୍ୟାଧରପୁର ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ବିଛିନ୍ନ ହୋଇଯାଉଛି। ଯାହା ଫଳରେ ଲୋକେ ଅନ୍ଧାରରେ ରହୁଛନ୍ତି। ଏଠାରେ ୬ଟି ରାଇସ ମିଲ, ଦୁଇଟି କ୍ରସର, ଦୁଇଟି ଖଣି ଏବଂ ଦୁଇଟି ଜଳ ପ୍ରକଳ୍ପ ରହିଛି। ଆନନ୍ଦପୁର ବିଦ୍ୟୁତ ଡିଭିଜନ ଏଠାରୁ ସର୍ବାଧିକ ରାଜସ୍ୱ ପାଉଛି କିନ୍ତୁ ଏହି ଅଞ୍ଚଳବାସୀ ଉପଯୁକ୍ତ ସେବା ପାଉନାହାଁନ୍ତି। ଏନେଇ ଆଞ୍ଚଳିକ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ଅଭିଯୋଗ କରାଯାଇଥିଲା। ଆଗରପଡା ଗ୍ରୀଡ଼ରୁ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ନିର୍ଦ୍ଦେଶ ପରେ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ବିଦ୍ୟୁତ ଖୁଣ୍ଟ ପକାଯିବା ସମୟରେ ଯେଉଁ ସମସ୍ୟା ଉପୁଜିଥିଲା ଉପଭୋକ୍ତା ମଞ୍ଚ ଗାଁ ଗାଁ ରେ ବୈଠକ କରି ତାହାର ସମାଧାନ କରିଥିଲା। ବର୍ତ୍ତମାନ କାମ



ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଗରପଡା ଗ୍ରୀଡ଼ରେ ଥିବା ୩ଫିଡର ମଧ୍ୟରୁ କେଉଁ ଫିଡରରୁ ବିଦ୍ୟୁତ ସଂଯୋଗ ଦିଆଯିବ ସେ ନେଇ ନିଷ୍ପତ୍ତି ହୋଇନଥିବାରୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ହେଉଛି। ଫଳରେ ମାସରେ ୧୫ଦିନ ବିଦ୍ୟାଧରପୁର ବାସୀ ଅନ୍ଧାରରେ ରହୁଛନ୍ତି। ବାରମ୍ବାର ଏନେଇ ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସମୟ ଗଡାଇ ଚାଲିଥିବା ଚିନ୍ତାର ବିଷୟ ପାଲଟିଛି। ତୁରନ୍ତ ଆଗରପଡା ଗ୍ରୀଡ଼ରୁ ବିଦ୍ୟୁତ ସଂଯୋଗ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ମହେଶ୍ୱର ନାୟକଙ୍କୁ ୯୫ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି ମାତ୍ର କେଉଁ ଫିଡରରୁ ବିଦ୍ୟୁତ ସଂଯୋଗ କରାଯିବ ସେନେଇ ଓପିଟିସିଏଲ କର୍ତ୍ତୃପକ୍ଷ କୋଣସି ନିଷ୍ପତ୍ତି ନେଇ ନଥିବାରୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ହେଉଛି ବୋଲି ଶ୍ରୀ ନାୟକ କହିଛନ୍ତି।

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡକ୍ଟର ମନୋରଞ୍ଜନ ବିଷୋୟୀ



ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ୍ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି । ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,*
*ସଂପର୍କ: ୮୮୯୫୧୪୧୭୨୭*





ଉଜୁଡ଼ିଯାଉଛି କୁଳ ବେଉସା............

## ବାରିକଙ୍କ ହାତ ବାନ୍ଧି ଦେଇଛି କରୋନା



**ଭଦ୍ରକ :** କୌଳିକ ବୃତ୍ତିକୁ ପାଥେୟ କରି ଗୁଜୁରାଣ ମେଣ୍ଟାଉଥିବା ବହୁ ପରିବାରଙ୍କ ଜୀବିକାରେ ଲାତ ମାରିଛି କୋଭିଡ୍-୧୯ । ଗତବର୍ଷ କୋଭିଡ୍-୧୯ ଭୁତାଣୁ ସଂକ୍ରମଣରୁ ଦେଶକୁ ରକ୍ଷା କରିବାକୁ ଯାଇ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ମାର୍ଚ୍ଚ ମାସ ୨୨ ତାରିଖ ଠାରୁ ପର୍ଯ୍ୟାୟ କ୍ରମେ ଲକ୍‌ଡ଼ାଉନ ଓ ତା ପରେ ସଟ୍‌ଡ଼ାଉନ ଆଦି ଘୋଷଣା କରିଥିଲେ । ପରେ ଏହି ଧାରାରୁ ଗତ ବର୍ଷ ସେପ୍ଟେମ୍ବର ମାସରୁ ଚଳିତ ବର୍ଷ ମେ ମାସ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟରେ ଏକ ସ୍ଥିରାବସ୍ଥା ସୃଷ୍ଟି ହୋଇଥିବା ବେଳେ ପୁନଶ୍ଚ କରୋନାର ଦ୍ୱିତୀୟ ଲହର ଦେଶ ତଥା ସାରା ରାଜ୍ୟକୁ କବଳିତ କରିବା ଆରମ୍ଭ କରିଦେଇଥିଲା । ଏହି ସଂକ୍ରମଣ ଉପରେ ରୋକ ଲଗାଇବାକୁ ଯାଇ ରାଜ୍ୟ ସରକାର ଚଳିତ ମେ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡ଼ାଉନ ଘୋଷଣା କରିଥିଲେ କିନ୍ତୁ ସଂକ୍ରମଣ ନକମିବାରୁ ପୁନଶ୍ଚ ଲକ୍‌ଡ଼ାଉନକୁ ଜୁନ ମାସ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏବଂ ସର୍ବସାଧାରଣଙ୍କ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁସାରେ ବହୁ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନ ଦୁଃର୍ବିସହ ହୋଇପଡ଼ିଛି । ଅନେକ ବ୍ୟବସାୟୀଙ୍କ ପାଇଁ ଦୋକାନ ଖୋଲିବା ବାଟ ବନ୍ଦ ହୋଇଯାଇଛି । ସେଥିରୁ ଭଣ୍ଡାରି କୌଳିକ ବୃତ୍ତି ବାଦ ପଡ଼ି ନାହିଁ । ଆଧୁନିକ ସମାଜରେ ମଣିଷ ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି କାର୍ଯ୍ୟ କରିବାକୁ ପଡ଼େ, ଯାହା ପାଇଁ ତାକୁ କୌଳିକ ବୃତ୍ତି ଧାରୀଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଯେମିତିକି ସମାଜରେ ଘଟୁଥିବା ବାହାଘର, ବ୍ରତଘର ଆଦି ଶୁଭ କାର୍ଯ୍ୟ ବା ଛୁତିକା, ମୂର୍ତ୍ତିକା ଆଦି ଅଶୁଭ କାର୍ଯ୍ୟ ହେଉ ପ୍ରତି କାର୍ଯ୍ୟରେ ସର୍ବ ପ୍ରଥମେ ଭଣ୍ଡାରି ମାନଙ୍କ ଆବଶ୍ୟକତା ରହିଥାଏ । ସେମାନଙ୍କ ବିନା ଏହି ସବୁ କାର୍ଯ୍ୟ ଅଧୁରା ରହିଯାଇଥାଏ । ମାତ୍ର ସେପରି ସ୍ଥଳେ ଏହି କୋଭିଡ଼ -୧୯ ଏମାନଙ୍କ ସବୁ ପରମ୍ପରାକୁ ହଜାଇ ଦେଇଛି । ଏମିତି ପରିସ୍ଥିତି ସୃଷ୍ଟି ହୋଇଛି ଯେ ଭଣ୍ଡାରିମାନେ ଚିର ଅବହେଳିତ ହୋଇପଡ଼ିଛନ୍ତି । ସେମାନେ ଆଧୁନିକ ଯୁଗରେ ତାଳ ଦେଇ ଆରମ୍ଭ କରିଥିଲେ ସେଲୁନ ଓ ପାର୍ଲର କିନ୍ତୁ କୋଭିଡ଼-୧୯ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ସେମାନଙ୍କୁ ସେମାନଙ୍କର ପୁରୁଣା ସମୟକୁ ଫେରାଇ ନେଇଛି । ପୂର୍ବରୁ ଯେପରି ସେମାନେ ଗାଁ ମାନଙ୍କରେ ଘର ଘର ବୁଲି ବା ସେଲୁନ୍ ଖୋଲି କେଶ ବିନ୍ୟାସ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ ଏବେ ସେହି ପନ୍ଥା ପୁଣି ଆରମ୍ଭ କରିଛନ୍ତି । କିନ୍ତୁ ସରକାରଙ୍କ କଟକଣା ମଧ୍ୟରେ ଘର ଘର ବୁଲି ଚୁଟି ବିନ୍ୟାସ କରି ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ଅର୍ନ୍ତଗତ ଭଗାରାମ ଏପରି ଏକ ଗ୍ରାମ ଯେଉଁ ଗ୍ରାମରେ ଅଧାରୁ ଅଧିକ ଲୋକ ଭଣ୍ଡାରି ସଂପ୍ରଦାୟର । ସେମାନେ ନିଜ ପରିବାର ପ୍ରତିପୋଷଣ କରିବା ପାଇଁ କାଦବରାଙ୍ଗ ଓ ଆଗରପଡ଼ା ବଜାରରେ ସେଲୁନମାନ ଖୋଲିଥିଲେ । ବହୁ ଭଣ୍ଡାରି ଧାର କରଜ କରି ଆଧୁନିକ ସମାଜରେ ତାଳ ଦେଲାପରି ନିଜ ବ୍ୟବସାୟକୁ ସଜାଇ ରୋଜଗାର ମଧ୍ୟ କରୁଥିଲେ । କିନ୍ତୁ ସବୁ ଦୋକାନକୁ ସରକାର ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରି ଖୋଲିବା ପାଇଁ ଅନୁମତି ଦେଇଥିଲେ ସୁଦ୍ଧା ସଂଘ ରୋଧକୁ ଗୁରୁତ୍ୱ ଦିଆଯାଉଥିବାରୁ ଏମାନଙ୍କୁ ଏଥିରୁ ବାଦ ଦେଇଛନ୍ତି । ଏମାନଙ୍କ ବୃତ୍ତିକୁ କୌଣସି ସରକାରୀ ପ୍ରୋତ୍ସାହନ ନଥିବାରୁ ବହୁ ପରିବାର ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ପଳାଇଥିଲେ । ପୁନଶ୍ଚ ଏବେ ଏମାନେ ଘରମୁହାଁ ହୋଇଛନ୍ତି । ତେଣୁ ସରକାର ଏମାନଙ୍କର ପରିବାର ଏହିପରି ଏକ ସଂକଟ ପରିସ୍ଥିତିରେ କିପରି ଜୀବନ ନିର୍ବାହ କରିବେ ସେଥିପ୍ରତି ଦୃଷ୍ଟି ଦେବା ସହ ନିର୍ଦ୍ଧିଷ୍ଟ ନିୟମ ପ୍ରଣୟନ କରି ତାଙ୍କ କୁଳ ବେଉସାକୁ ବଂଚିତ କରିବା ପାଇଁ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# କରୋନା ଉଜାଡ଼ି ଦେଇଛି ବେଉସା; ହାତବାନ୍ଧି ବସିଛନ୍ତି ଡୁମ ସଂପ୍ରଦାୟ

**ଭଦ୍ରକ :** ଯୁଗର ସୃଷ୍ଟିରୁ ସଂପ୍ରଦାୟର ସୃଷ୍ଟି । ପ୍ରତ୍ୟେକ ସଂପ୍ରଦାୟ କିଛି କୌଳିକ ବୃତ୍ତିକୁ ପ୍ରାଧେୟ କରି ଜୀବିକା ନିର୍ବାହ କରିଥାନ୍ତି । କୋଭିଡ୍-୧୯ କିନ୍ତୁ ବହୁ ସଂପ୍ରଦାୟର ଜୀବିକାରେ ଲାତ ମାରିଛି । ଗତବର୍ଷ କୋଭିଡ୍-୧୯ ଭୁତାଣୁ ସଂକ୍ରମଣରୁ ଦେଶକୁ ରକ୍ଷା କରିବାକୁ ଯାଇ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ମାର୍ଚ୍ଚ ମାସ ୨୨ ତାରିଖ ଠାରୁ ପର୍ଯ୍ୟାୟ କ୍ରମେ ଲକ୍‌ଡ଼ାଉନ ଓ ତା ପରେ ସଟ୍‌ଡ଼ାଉନ ଆଦି ଘୋଷଣା କରିଥିଲେ । ପରେ ଏହି ଧାରାରୁ ଗତ ବର୍ଷ ସେପ୍ଟେମ୍ବର ମାସରୁ ଚଳିତ ବର୍ଷ ମେ ମାସ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟରେ ଏକ ସ୍ଥିରାବସ୍ଥା ସୃଷ୍ଟି ହୋଇଥିବା ବେଳେ ପୁନଶ୍ଚ କରୋନାର ଦ୍ୱିତୀୟ ଲହର ଦେଶ ତଥା ସାରା ରାଜ୍ୟକୁ କବଳିତ କରିବା ଆରମ୍ଭ କରିଦେଇଥିଲା । ଏହି ସଂକ୍ରମଣ ଉପରେ ରୋକ ଲଗାଇବାକୁ ଯାଇ ରାଜ୍ୟ ସରକାର ମେ ମାସ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡ଼ାଉନ ଘୋଷଣା କରିଥିଲେ କିନ୍ତୁ ସଂକ୍ରମଣ ନକମିବାରୁ ପୁନଶ୍ଚ ଲକ୍‌ଡ଼ାଉନକୁ ଜୁନ ମାସ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏବଂ ସର୍ବସାଧାରଣଙ୍କ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁସାରେ ବହୁ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନ ଦୁଃର୍ବିସହ ହୋଇପଡ଼ିଛି । ଅନେକ ବ୍ୟବସାୟୀଙ୍କ ପାଇଁ ଦୋକାନ ଖୋଲିବା ବାଟ ବନ୍ଦ ହୋଇଯାଇଛି । ଜୀବନ ଓ ଜୀବିକାକୁ ଗୁରୁତ୍ୱର ସହ ନେଇ ସରକାର ବିଭିନ୍ନ ନିୟମରେ କୋହଳ ଭାବ ପୋଷଣ କରିଥିଲେ ସୁଦ୍ଧା ଏହା ବିଭିନ୍ନ ସଂପ୍ରଦାୟ ର କୌଳିକ ବୃତ୍ତିରେ କିଛି ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରି ନାହିଁ । ମନୁଷ୍ୟ ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ନିତ୍ୟାବଶ୍ୟକ ସାମଗ୍ରୀ ଅଛି ଯାହାର ପ୍ରତ୍ୟେକ କାର୍ଯ୍ୟରେ ନିତ୍ୟାନ୍ତ ଆବଶ୍ୟକ । ଏହି ସବୁ ସାମଗ୍ରୀ ବିନା କାର୍ଯ୍ୟ ଅସମ୍ଭବ ଯେପରିକି, ବିଭାଘର , ବ୍ରତଘର , ପୂଜା ଆଦିରେ ସର୍ବ ପ୍ରଥମେ ବାଉଁଶ ଓ ବେତରେ ତିଆରି ସାମଗ୍ରୀ ଯଥା -କୁଲା , ନାଳିଆ , ଡଲା , ସେର , ମାଣ ଆଦିର ନିତ୍ୟାନ୍ତ ଆବଶ୍ୟକତା ରହିଥାଏ । ଏହି ସବୁ ସାମଗ୍ରୀ ବିନା ଉପରୋକ୍ତ କାର୍ଯ୍ୟ ସଂପାଦନ କରିବା ଅସମ୍ଭବ ହୋଇ ପଡିଥାଏ । ଏହି ପରି ସ୍ଥଳେ ଏହି ସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କୁ ସଂପାଦନା କରୁଥିବା ସଂପ୍ରଦାୟ "ଡୁମ" କୋଭିଡ୍-୧୯ରେ ଅବହେଳିତ ହୋଇପଡ଼ିଛନ୍ତି । ସେମାନଙ୍କୁ ସେମାନଙ୍କର କୌଳିକ ବୃତ୍ତିକୁ ପ୍ରତ୍ସୋହନ ଦେବା ପାଇଁ କୌଣସି ସରକାରୀ ଅନୁଷ୍ଠାନ ର ଆଗ୍ରହ ନାହିଁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନର ସହଯୋଗ ନାହିଁ । ତେଣୁ ସେମାନେ ବର୍ତ୍ତମାନ ସଂକଟରେ । କରୋନା କଟକଣା ସେମାନଙ୍କ ଦାନା ଛଡ଼ାଇ ନେଇଛି । ପାଖରେ ପଇସା ନାହିଁ କି ରୋଜଗାର କରିବାର କୌଣସି ମାଧ୍ୟମ ମଧ୍ୟ ନାହିଁ । ବର୍ତ୍ତମାନ ବିବାହ ଋତୁ ଚାଲୁଥିବା ସତ୍ତ୍ୱେ କରୋନା ଯୋଗୁଁ ସେମାନଙ୍କ ବେପାର ପୁରା ବନ୍ଦ । ବେପାର ଋତୁରେ କରୋନା ଦାଉ ସାଧିଲା ବୋଲି ସେମାନେ କହୁଛନ୍ତି । ବନ୍ତ ବ୍ଲକ ଆଡ଼ିଆ, ଚାରିଗାଁ, ଗୋପିନାଥପୁର, ଅଣିଜୋ ଓ ଭଦ୍ରକ ବ୍ଲକ ଜଳଙ୍ଗା, ଗେଲଟୁଆ, କୁଆପଦା ଆଦି ଏପରି ଗ୍ରାମ, ଯଦି ସବୁ ଗ୍ରାମକୁ ଆକଳନରେ ନିଆଯାଏ ତେବେ ପାଖା ପାଖି ୩୦୦ରୁ ୪୦୦ ପରିବାର ଏହି "ଡୁମ" ସଂପ୍ରଦାୟର ସେଥିମଧ୍ୟରୁ ପ୍ରତ୍ୟେକ ଗ୍ରାମରେ ବହୁ ପରିବାର ତାଙ୍କ କୌଳିକ ବୃତ୍ତିକୁ ପ୍ରାଧେୟ କରି ଆଜିର ଆଧୁନିକ ଦୁନିଆରେ ନିଜର ପରିବାର ପ୍ରତି ପୋଷଣ କରୁଛନ୍ତି । ଆଡ଼ିଆ ଗ୍ରାମରେ ଅବସ୍ଥିତ ଏହି ସଂପ୍ରଦାୟର କିଛି ପରିବାରକୁ ଯୋଗାଯୋଗ କରିବାରୁ ଜଣାପଡ଼େ ଯେ ସେମାନେ ତାଙ୍କ ପୂର୍ବ ପୁରୁଷ କରି ଆସୁଥିବା ଏହି ବେଉଷାକୁ ନିଜର ଜୀବିକା ରୂପେ ବାଛି ନେଇଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା କୁଲା , ନାଳିଆ ,ଡଲା, ଦଣ୍ଡୁରି , ଫୁଲଡଲା , ଶାଗଧୁଆ ପାଛିଆ , କୁକୁଡା ଝମ୍ପି , ଗଛ ମୁଡା , ଚଟେଇ, ବିଞ୍ଚଣା, ଖଟେଇ , ଚାଲୁଣି ଆଦି ତିଆରି କରିଥାନ୍ତି । ଏହି ସବୁ ସାମଗ୍ରୀକୁ ସେମାନେ ହାଟ ବାରିରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ସେମାନଙ୍କ କହିବା ଅନୁସାରେ ବୁଣିବା ପାଇଁ ଦରକାର କରୁଥିବା ସାମଗ୍ରୀ ଯଥା କେରଟ, ବାଉଁଶ , ରଙ୍ଗ ଆଦି ସେମାନଙ୍କୁ କିଣିବାକୁ ପଡ଼ିଥାଏ । ତେଣୁ ଏଥିପାଇଁ ବଜାର ଉପରେ ନିର୍ଭର କରିବାକୁ ପଡ଼ିଥାଏ । କିନ୍ତୁ ବର୍ତ୍ତମାନ ଚାରିଆଡ଼େ ବନ୍ଦ ଥିବାରୁ ଏସବୁ ସାମଗ୍ରୀ ଠିକ୍ ଭାବେ ମିଳିପାରୁ ନାହିଁ । କିଛି ପରିବାରଙ୍କ ପାଖରେ ରାସନ କାର୍ଡ଼ ଥିବାରୁ ସେମାନେ ଯେନେ ତେନେ ପ୍ରକାରେଣ ପରିବାର ଚଳାଇ ପାରୁଥିବା ବେଳେ ବହୁ ଲୋକଙ୍କ ପାଖରେ ଏହି ସୁବିଧା ଉପଲବ୍ଧ ନଥିବାରୁ ସେମାନେ ବହୁ କଷ୍ଟରେ ଜୀବିକା ନିର୍ବାହ କରୁଛନ୍ତି । କୋଭିଡ଼-୧୯କୁ ଲକ୍ଷରେ ରଖି ସରକାର ସବୁ ବର୍ଗର ଲୋକଙ୍କ ପାଇଁ ଯୋଜନାମାନ ପ୍ରସ୍ତୁତ କରିଛନ୍ତି କିନ୍ତୁ ଏହି ସଂପ୍ରଦାୟର ଲୋକଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତସୁବିଧା ଓ ସୁଯୋଗ ସେମାନଙ୍କ ପାଖରେ ଠିକ୍ ଭାବେ ପହଂଚିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ସରକାର ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳର କରାଇପାରିଲେ ସେମାନେ ନିଜ କୌଳିକ ବୃତ୍ତିକୁ ପ୍ରାଧେୟ କରି ନିଜ ଜୀବିନକୁ ସରସ ସୁନ୍ଦର କରିବା ସହ କୋଭିଡ଼-୧୯ର ସଫଳ ମୁକାବିଲା କରିପାରନ୍ତେ ।





# ପଞ୍ଚଭୂତରେ ଲୀନ ଦେବାଶିଷଙ୍କ ମରଶରୀର



**ଭୁବନେଶ୍ୱର :** ରାଜ୍ୟ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ, ପୋଲିସ ବିଭାଗର ଅତିରିକ୍ତ ଡିଜି ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ଶେଷକୃତ୍ୟ କଟକ ସ୍ଥିତ ଖାନନଗର ଶ୍ମଶାନରେ ସମ୍ପନ୍ନ ହୋଇଛି। ଗତ ଶୁକ୍ରବାର କୋଲକାତାର ମେଡିକା ହସ୍ପିଟାଲରେ ଡକ୍ଟର ପାଣିଗ୍ରାହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀର କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ତାଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ଡକ୍ଟର ପାଣିଗ୍ରାହୀଙ୍କ ଶେଷ ଦର୍ଶନ କରିବା ସହିତ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶେଷକୃତ୍ୟ ପାଇଁ ଖାନନଗର ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ପ୍ରତ୍ୟୟ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ପତ୍ନୀ ଅଧ୍ୟାପିକା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଝୁମ୍‌କି ରଥ, ଝିଅ ପଲ୍ଲବୀ ପାଣିଗ୍ରାହୀ, ଭିଣୋଇ ଜଷ୍ଟିସ୍ ବୀରକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଡିଜି ଅଭୟ, ଗୃହ ସଚିବ ସନ୍ଦୀପ ଚୋପ୍ରା, ଅଗ୍ନିଶମ ଡିଜି ଏମ୍.ଅକ୍ଷୟ, ଓପିଏସ୍‌ସିର ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ପୋଲିସ ହାଉସିଂ କର୍ପୋରେସନ ଅଧ୍ୟକ୍ଷ ତଥା ଅତିରିକ୍ତ ଡିଜି ଡକ୍ଟର ସୁଧାଂଶୁ ଷଡଙ୍ଗୀ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ଘନଶ୍ୟାମ ଉପାଧ୍ୟାୟ, ଡିଆଇଜି ସଞ୍ଜୟ କୌଶଲ, କଟକ ଡିସିପି ପ୍ରତୀକ ସିଂହ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ବତଟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭିଜିଲାନ୍ସ ବିଭାଗର ବହୁ ବରିଷ୍ଠ ପଦାଧିକାରୀ, କର୍ମଚାରୀ, ଦେବାଶିଷଙ୍କ ପ୍ରଶଂସକ ଉପସ୍ଥିତ ଥିଲେ।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର :** ଦେବାଶିଷ ପାଣିଗ୍ରାହୀଙ୍କ ବିୟୋଗରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି ଯେ, ଡ. ପାଣିଗ୍ରାହୀ ଜଣେ ଦକ୍ଷ ପୋଲିସ ଅଫିସର ଏବଂ ବାଗ୍ମୀ ଲେଖକ ଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ପୋଲିସ ଅଫସର ଭାବରେ ଉତ୍ସର୍ଗୀକୃତ ସେବାର ସେ ଏକ ଅଲିଭା ଚିହ୍ନ ଛାଡି ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଦେବାଶିଷ କେବଳ ଜଣେ ଦକ୍ଷ ଓ ଅଭିଜ୍ଞ ପୋଲିସ ଅଫିସର ନଥିଲେ, ବରଂ ଜଣେ ସୁଲେଖକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଛି। ସେ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଭିଜିଲାନ୍ସ ଏସ୍‌ପିଙ୍କ ଶୋକ

**ଭୁବନେଶ୍ୱର :** ରାଜ୍ୟ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ, ପୋଲିସ ବିଭାଗର ଅତିରିକ୍ତ ଡିଜି ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ବିୟୋଗରେ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ଏଥିସହ ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଡକ୍ଟର ପାଣିଗ୍ରାହୀ ରାଜ୍ୟ ପୋଲିସ ପାଇଁ ଗର୍ବ ଓ ଗୌରବ। ସେ ଜଣେ ସୁଦକ୍ଷ ପୋଲିସ ପ୍ରଶାସକ ଭାବେ ଯେଭଳି ଜଣାଶୁଣା ସାହିତ୍ୟ କ୍ଷେତ୍ରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟଧାରା ଆମକୁ ପ୍ରେରଣା ଦେଉଥିଲା। ଡକ୍ଟର ପାଣିଗ୍ରାହୀଙ୍କ ବିୟୋଗରେ ଆମେ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗରେ ବିଭାଗର ଅପୂରଣୀୟ କ୍ଷତି ଘଟିଛି। ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

# ଦଲାଲଙ୍କ କବ୍‌ଜାରେ ରଣପୁର ଥାନା

**ଭୁବନେଶ୍ୱର,(ରାମକୃଷ୍ଣ ପଟ୍ଟନାୟକ) :** ଗତ ୧୭.୦୪.୨୦୨୧ରିଖ ଦିନ ଭୁବନେଶ୍ୱରର ବଡ଼ଗଡ଼ ଥାନା ଅନ୍ତର୍ଗତ ଜିଲ୍ଲା ଦୌରାଜଜ, ଭୁବନେଶ୍ୱରଙ୍କ ଅଦାଲତରୁ ଏକ ଜାମିନି ବିହୀନ ପରୱାନା ଯାହାର ଟି.ଆର. କେସ ନଂ- ୨୦୩/୨୦୨୧ ଅନୁଯାୟୀ ଜାମିନି ବିହୀନ ପରୱାନା ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ରଣପୁର ଥାନାକୁ ପଠାଯାଇଥିଲା। ତା୧୮.୦୪.୨୦୨୧ରେ ରଣପୁର ଥାନା ଉକ୍ତ ଜାମିନି ବିହୀନ ପରୱାନା ଗ୍ରହଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପୋଲିସର ପାରିବାପଣିଆକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଆଲୋଚନା ହେଉଛି। ସମ୍ପୃକ୍ତ ଦୋଷୀମାନେ ହେଲେ- ପଦ୍ମଚରଣ ମହାନ୍ତି, ପିତା- ରାମଚନ୍ଦ୍ର ମହାନ୍ତି ଓ ଅଜୟ ପଟ୍ଟନାୟକ, ପିତା- ବସନ୍ତ ପଟ୍ଟନାୟକ, ଉଭୟଙ୍କ ଗ୍ରାମ- ନିଳପଲ୍ଲୀ, ପୋ-କୁଳାସର, ଥାନା- ରଣପୁର, ଜିଲ୍ଲା ନୟାଗଡ଼। ଉକ୍ତ ବ୍ୟକ୍ତି ଦ୍ୱୟ ଏବେବି ନିଜ ଗ୍ରାମରେ ରହି ଅବାଧରେ ଚାରିଆଡେ ବୁଲାବୁଲି କରି କହୁଛନ୍ତି ଯେ- ଏପରି ୧୫ ବର୍ଷ ଜାମିନି ବିହୀନ ପରୱାନା ବୁଲିଲେ ବି ପୋଲିସ୍ ଆମ୍ଭର କିଛି କରିପାରିବ ନାହିଁ। କାରଣ ରଣପୁର ଥାନା ଓ ସୁନାଖଳା ଫାଣ୍ଡି ଆମ ହାତ ମୁଠାରେ, ଆମ୍ଭେ ଯେପରି ନଚାଇବୁ ସେମାନେ ସେହିପରି ନାଚିବେ।

ପ୍ରକାଶ ଥାଉକି ଗତ ତା୨୭.୦୫.୨୦୨୧ରିଖ ସନ୍ଧ୍ୟା ୭ ଘଟିକା ସମୟର ଘଟଣା- କୁଳାସର ଗ୍ରାମ ପଞ୍ଚାୟତର ୧୦ ନଂ ୱାର୍ଡ ସଭ୍ୟା ଇତିଶ୍ରୀ ନନ୍ଦଙ୍କ ଘରକୁ କୁଳାସର ଗ୍ରାମ ପଞ୍ଚାୟତରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଗ୍ରାମ ସେବକ ଗୋକୁଳ ବେହେରା ଏକାକି ଶ୍ରୀମତୀ ନନ୍ଦ ଘରେ ଥିବାବେଳେ ତାଙ୍କ ଘରକୁ ଯାଇ ପଞ୍ଚାୟତର ନୋଟିସ୍ ଖାତାରେ ଦସ୍ତଖତ କରାଇବା ବାହାନାରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ କଥାରେ ରାଜି ନହେଲେ ୱାର୍ଡ଼ ସଭ୍ୟାପଦରୁ ବହିଷ୍କାର କରିଦେବାଭଳି ଧମକ ଦେବା ସହ ଜୋରଜବରଦସ୍ତ ଭିଡିଓ ରେକର୍ଡ଼ିଂ କରି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ସମ୍ବନ୍ଧରେ ତାଙ୍କ ଗ୍ରାମର ପ୍ରତ୍ୟେକ୍ଷଦର୍ଶୀ ଶିବରାମ ମିଶ୍ର ଓ ଅନ୍ୟମାନେ ଥିଲାବେଳେ ଏବଂ ସେହିଦିନ ରାତି ୯ ଘଟିକା ସମୟରେ ଶ୍ରୀମତୀ ନନ୍ଦ ଓ ତାଙ୍କ ସ୍ୱାମୀ ଲିଖିତ ଭାବେ ପୋଲିସ୍‌କୁ ଜଣାଇଥିଲେ ମଧ୍ୟ ଉକ୍ତ ଲିଖିତ ଅଭିଯୋଗକୁ ଆଜି ପର୍ଯ୍ୟନ୍ତ ରେଜିଷ୍ଟ୍ରଭୁକ୍ତ ନକରି ଓ ଏହାର ତଦନ୍ତ ନକରିବାଫଳରେ ଦୋଷୀମାନେ ନିର୍ଭୟରେ ବିଚରଣ କରୁଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ରଣପୁର ଥାନା ଓ ସୁନାଖଳା ଫାଣ୍ଡି କିଭଳି ଭାବେ ଦଲାଲଙ୍କ ଦ୍ୱାରା ପରିଚାଳିତ ହେଉଛି। ଏ ନେଇ ଉଚ୍ଚ ପଦସ୍ଥ କର୍ମଚାରୀଙ୍କୁ ଶ୍ରୀମତୀ ନନ୍ଦ ଲିଖିତ ଆକାରରେ ଗତ ତା୦୧.୦୬.୨୦୨୧ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ସାଧାରଣ ଜନତାଙ୍କ ପୋଲିସ ଉପରୁ ଆସ୍ଥା ତୁଟି ଯାଉଛି। ଶ୍ରୀମତୀ ନନ୍ଦ ପ୍ରକାଶ କରିଛନ୍ତିକି ଯଦି ଉପରୋକ୍ତ ବିଷୟ ପ୍ରତି ଯଥା ଶୀଘ୍ର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀମାନଙ୍କୁ ଦଣ୍ଡିତ କରା ନ ଗଲେ ସେ ବାଧ ହୋଇ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଡାକ୍ତର ପଦବୀ ପୂରଣ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର



**କେନ୍ଦୁଝର :** ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଖାଲିପଡିଥିବା ଡାକ୍ତର ପଦବୀ କୁ ତୁରନ୍ତ ପୂରଣ କରିବା ଦାବିରେ ଆଗାମୀ ଜୁଲାଇ ୯ ତାରିଖ ଦିବା ୧୦ ଘଟିକା ସମୟରୁ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ଆମରଣ ଅନଶନ କରିବାକୁ ସ୍ଥିର କରାଯାଇଥିବା ନେଇ ମା ଧନେଇ ସେବା ସଂଘ ପକ୍ଷରୁ ପ୍ରକାଶ ପାଇଛି। ଏନେଇ ଆଜି ସଂଘ ପକ୍ଷରୁ ଓଡିଶା ସରକାର ଙ୍କ ମୁଖ୍ୟ ଶାସନ ସଚିବ ଙ୍କୁ ଏକ ଦାବପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସୁଚନା ମୁତାବକ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସହିତ ପଡୋଶୀ ଯାଜପୁର , ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲାର ସାଧାରଣ ଜନତା ନିର୍ଭର କରନ୍ତି। ତେବେ ସରକାରୀ ନିୟମ ମୁତାବକ ଏହି ମୁଖ୍ୟ ଚିକିତ୍ସାଳୟରେ ୨୦ ଜଣ ଡାକ୍ତର କାର୍ଯ୍ୟ କରିବାକୁ ନିୟମ ଥିବାବେଳେ ଏଠାରେ ମାତ୍ର ୧୦ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି।ସେହିପରି ମେଡିସିନ୍ , ଆର୍ଥୋପେଡିକ୍ , ଆନାଥେସିଆ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକ ରେ ଦିର୍ଘ ଦିନ ହେବ ଡାକ୍ତର ନାହାନ୍ତି। ତେଣୁ ଏହି ପରିପେକ୍ଷୀରେ ଯଦି ସରକାର ଖାଲିପଡିଥିବା ୧୦ ଗୋଟି ଡାକ୍ତର ପଦବୀ ପୁରଣ ନକରନ୍ତି ତେବେ ଆଗାମୀ ୯ ତାରିଖରୁ ଡାକ୍ତରଖାନା ସମ୍ମୁଖରେ ଆମରଣ ଅନସନ କରିବାକୁ ମା ଧନେଇ ସେବା ସଂଘର ସଦସ୍ୟ ମାନେ ନିଷ୍ପତି ନେଇଥିବାନେଇ ସଂଘର ସଭାପତି ବିଷ୍ଣୁ ପ୍ରସାଦ ବାରିକ୍ , ସମ୍ପାଦକ ନରେସ କୁମାର ସାହୁ , ଲକ୍ଷ୍ମୀଧର ପାଢୀ , ବିକ୍ରମ କେଶରୀ ବାରିକ୍ , ଅନିଲ କୁମାର ସାହୁ , ଚିନ୍ମୟ କୁମାର ସାହୁ , ବିଶ୍ୱଜିତ୍ ସାହୁ,ମନୋଜ କୁମାର ସାହୁ , ସରତ କୁମାର ସାହୁ ଙ୍କ ସମେତ ବହୁ ସଦସ୍ୟ ପ୍ରକାଶ କରିଛନ୍ତି।

# ପ୍ରଦୂଷଣ ବିଷ ବଳୟରେ ଝାଡ଼କୁଣ୍ଡି ଗାଁ



**ଆନନ୍ଦପୁର :** କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ ଅନ୍ତର୍ଗତ ଝାଡ଼କୁଣ୍ଡି ଗ୍ରାମରେ ଥିବା ରାଇସମିଲ ପାଇଁ ଅଞ୍ଚଳବାସୀ ନାହିଁନଥିବା କଷ୍ଟଭୋଗ କରୁଛନ୍ତି। ଏହି ମିଲରୁ ନିର୍ଗତ ଆବର୍ଜନା ଜଳ ଆଖପାଖ ଚଷ ଜମିକୁ ନଷ୍ଟ କରୁଥିବାବେଳେ ଏହି ମିଲରୁ ବାହାରୁ ଥିବା ପାଉଁଶ ଜନବସତିରେ ପଡୁ ଥିବାରୁ ଗ୍ରାମବାସୀ ବିଶେଷ କଷ୍ଟ ପାଉଥିବା ଅଭିଯୋଗ ହୋଇଛି। ବର୍ଷସାରା ଏହି ପାଉଁଶ ଉଡୁ ଥିଲେ ମଧ୍ୟ ମିଲ ମାଲିକ କୋଣସି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିନଥିବାରୁ ଅଞ୍ଚଳବାସୀଙ୍କ ସାଧାରଣ ଜୀବନଯାତ୍ର ପ୍ରଭାବିତ ହୋଇଛି। ଏନେଇ ପରିବେଶ ପ୍ରଦୂଷଣ ବିଭାଗ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ପରିତାପର ବିଷୟ। ଆଜକୁ ପ୍ରାୟ ୧୦ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ରାଇସ ମିଲ ଯୋଗୁଁ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେଉଥିଲେ ମଧ୍ୟ ଅଭିଯୋଗ ପ୍ରତି ପ୍ରଶାସନ କର୍ଣ୍ଣପାତ କରିନଥିବା ଚିନ୍ତାର କାରଣ ହୋଇଛି। ତେବେ ଝାଡ଼କୁଣ୍ଡି ରାଇସମିଲ ପରିସରରେ ଦ୍ୱିତୀୟ ଓ ତୃତୀୟ ୟୁନିଟ ପ୍ରତିଷ୍ଠା ପାଇଁ କୋଣସି ପଲ୍ଲୀ ସଭା ଓ ପଞ୍ଚାୟତ ବୈଠକରେ ଗୃହୀତ ହୋଇନଥିବା ବେଳେ ଅନାୟାସରେ ଏପରି କାର୍ଯ୍ୟ ଚଳିଥିବା ଅଭିଯୋଗ ହୋଇଛି। ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଝାଡ଼କୁଣ୍ଡି ଠାରେ ଶ୍ରୀ ଶ୍ୟାମ ସୁନ୍ଦର ରାଇସ ମିଲ ପ୍ରତିଷ୍ଠା ହୋଇଥିଲା। ଏହାର କିଛିଦିନ ପରେ ଏହାର ଦ୍ୱିତୀୟ ୟୁନିଟ କରାଯିବାରୁ ଆଖପାଖ ଅଞ୍ଚଳ ପ୍ରଦୂଷିତ ହୋଇଥିଲା। ପ୍ଲାଣ୍ଟରୁ ନିଗତ ଆବର୍ଜନା ପାଣିରେ ଚତୁପାର୍ଶ୍ୱରେ ଥିବା ଚଷଜମି ନଷ୍ଟ ହୋଇଥିବା ବେଳେ ବର୍ଷ ସାରା ପାଉଁଶ ଉଡି ଗ୍ରାମବାସୀଙ୍କ ଦୈନନ୍ଦିନର ଜୀବନ ଯାତ୍ରାରେ ବାଧା ସୃଷ୍ଟି କରୁଥିବାରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସଂପ୍ରତି ଏହି ରାଇସ ମିଲ ପରିସରରେ ୩ୟ ୟୁନିଟ ପ୍ରତିଷ୍ଠା କରିବା ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରୁ ଅଞ୍ଚଳବାସୀ ଚିନ୍ତିତ ହୋଇପଡିଛନ୍ତି। ଏନେଇ ଆନନ୍ଦପୁର ଯୋଗାଣ ବିଭାଗ ଅଧିକାରୀ ବୁଦ୍ଧଦେବ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ୩ୟ ୟୁନିଟ ପ୍ରତିଷ୍ଠା ପାଇଁ ରାଇସମିଲ କର୍ତ୍ତୃପକ୍ଷ ପ୍ରଶାସନକୁ କୋଣସି ସୂଚନା ଦେଇ ନାହାଁନ୍ତି। ତେବେ ଜିଲ୍ଲା ପ୍ରଶାସନ ମଧ୍ୟ ଏହାର ଅନୁଧ୍ୟାନ ପାଇଁ କୌଣସି ନିର୍ଦ୍ଦେଶ ଦେଇ ନଥିବା ପ୍ରକାଶ କରିଥିଲେ। ତେବେ ସ୍ଥାନୀୟ ପ୍ରଶାସନ ଅଗୋଚରରେ ଏପରି କାର୍ଯ୍ୟ ହେବା ପ୍ରସଙ୍ଗରେ ସାଧାରଣ ରେ ସନ୍ଦେହ ପ୍ରକଟ ହୋଇଛି।

### ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ

# ଟିକା ନେଇଥିଲେ ଅଫିସ ଆସ



**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ଆଶଙ୍କରେ ରାଜ୍ୟ ସରକାର ଜୁଲାଇ ପହିଲା ପର୍ଯ୍ୟନ୍ତ ଲକଡାଉନ ଓ ସଟଡାଉନ ଅବଧିକୁ ବୃଦ୍ଧି କରିଥିବା ବେଳେ ଆଜି ରାଜ୍ୟର ସରକାରୀ ଅଫିସ ପରିଚାଳନା ନେଇ ସାନି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ କର୍ମଚାରୀମାନେ ଦୁଇ ଡୋଜ୍ ଟିକା ନେଇସାରିଛନ୍ତି ସେମାନେ ଅଫିସ ଆସିବା ବାଧ୍ୟତାମୂଳକ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ନିର୍ଦ୍ଦେଶନାମା ଅନୁସାରେ, ଜୁନ୍ ୧୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ସରକାରଙ୍କ ସମସ୍ତ ବିଭାଗର ଅଫିସ ସର୍ବାଧିକ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଉପସଚିବ ଓ ତଦୁର୍ଦ୍ଧ୍ୱ ପାହ୍ୟାର ଅଧିକାରୀମାନେ ପ୍ରତିଦିନ ଅଫିସ ନିଶ୍ଚିତ ଆସିବେ। ଯେଉଁ କର୍ମଚାରୀମାନେ ସମ୍ପୂର୍ଣ୍ଣ ଟିକା (ଦୁଇ ଡୋଜ୍) ନେଇସାରିଛନ୍ତି ସେମାନଙ୍କ ପାଇଁ ଅଫିସ ଆସିବା ବାଧ୍ୟତାମୂଳକ କରାଯାଇଛି। ତେବେ କଟକ ଓ ଭୁବନେଶ୍ୱରରେ ଥିବା ସରକାରୀ ଅଫିସ, ମୁଖ୍ୟ ଦପ୍ତର, ବିଭାଗୀୟ ଅଫିସ ଓ ଅନ୍ୟାନ୍ୟ ଅଫିସରେ କେଉଁ କର୍ମଚାରୀମାନେ ଆସିବେ ତାହା ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ନିଷ୍ପତ୍ତି ନେବେ। ଯେଉଁ କର୍ମଚାରୀ ସମ୍ପୂର୍ଣ୍ଣ ଟିକା ନେଇନାହାନ୍ତି ଓ ରୋଷ୍ଟର ଡ୍ୟୁଟି କରୁଛନ୍ତି ସେମାନେ ଅଫିସ ଆସିବେ କି ନାହିଁ ତାହା ବିଭାଗୀୟ ମୁଖ୍ୟ ନିଷ୍ପତ୍ତି ନେବେ। ତେବେ ଅତ୍ୟାବଶ୍ୟକ ସେବା ସହ ଜଡିତ ଅଫିସ ଗୁଡିକ ଯଥା ଏସ୍‌ଆରସି ଅଫିସ, ଓସଡମା ଅଫିସ, ପୋଲିସ ଅଗ୍ନିଶମ, ସ୍ୱାସ୍ଥ୍ୟ, ମ୍ୟୁନିସିପାଲ ସର୍ଭି ଆଦି ପୂର୍ଣ୍ଣ କ୍ଷମତା ସହ କାର୍ଯ୍ୟ ପୂର୍ବଭଳି କରିବ। ଯେଉଁ କର୍ମଚାରୀମାନଙ୍କୁ ରୋଷ୍ଟର ଡ୍ୟୁଟି ଦିଆଯାଇନାହିଁ ଓ ସେମାନେ ଘରେ ରହି କାମ କରୁଛନ୍ତି ସେମାନଙ୍କୁ ଭିପିଏନ୍ ସୁବିଧା ଉପଲବ୍ଧ ନିଶ୍ଚିତ କରାଯିବ। ସେମାନେ ଅଫିସର ନିୟମିତ ଓ ବକେୟା କାର୍ଯ୍ୟ କରିବେ। ସେହିପରି ଟେଲିଫୋନ୍ ମାଧ୍ୟମରେ ସ୍ୱଳ୍ପ ନୋଟିସରେ କର୍ମଚାରୀମାନଙ୍କୁ ଅଫିସ ଆସିବାକୁ ପଡିବ। ତେବେ ଯେଉଁ ମହିଳା କର୍ମଚାରୀ ଏବେ ଗର୍ଭବତୀ ଅଛନ୍ତି ସେମାନେଙ୍କ ସମେତ ଭିନ୍ନକ୍ଷମ କର୍ମଚାରୀଙ୍କୁ ମଧ୍ୟ ଅଫିସ ଆସିବା ଓ ୱାର୍କ ଫ୍ରେମ୍ ହୋମରୁ ବାଦ୍ ଦିଆଯାଇଛି।



# ଗ୍ରୀନ୍ ପ୍ୟାସେଜରେ ଅନାଥ ଶିଶୁ

**ଭୁବନେଶ୍ୱର :** କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁଙ୍କୁ ରାଜ୍ୟ ସରକାରଙ୍କ ଗ୍ରୀନ୍ ପ୍ୟାସେଜ ଯୋଜନାରେ ସାମିଲ କରାଯିବ। ସେମାନଙ୍କ ବୈଷୟିକ ଶିକ୍ଷା ଯଥା ମେଡିକାଲ ଓ ଇଂଜିନିୟରିଂ ପାଠ ଖର୍ଚ୍ଚ ବି ରାଜ୍ୟ ସରକାର ବହନ କରିବେ। ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିଲେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ଖର୍ଚ୍ଚ ଦିଆଯିବା ନେଇ ଘୋଷଣା କରିଛନ୍ତି ରାଜ୍ୟ ସରକାର। ସୂଚନା ମୁତାବକ ବର୍ତ୍ତମାନ ଅନାଥ ଶିଶୁଙ୍କୁ ୨ ହଜାର ଟଙ୍କା ଷ୍ଟାଇପେଣ୍ଡ ମିଳୁଛି। କୋଭିଡରେ ଅନାଥ ହୋଇଥିବା ଶିଶୁଙ୍କ ପାଇଁ ମଧ୍ୟ ଏହି ଷ୍ଟାଇପେଣ୍ଡ ଯୋଜନା କରାଯାଉଥିବା ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୂଲତା ଦେଓ କହିଛନ୍ତି। କୋଭିଡ ମହାମାରୀ ସମୟରେ ଅନେକ ପିଲା ଅନାଥ ହୋଇଛନ୍ତି। ପିତାମାତା ଚାଲିଯିବା ଫଳରେ ସେମାନଙ୍କ ପାଠ ପଢ଼ିବା ସହ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ସମସ୍ୟା ପରିଲକ୍ଷିତ ହୋଇଛି। ଏପରି ସମୟରେ ଓଡ଼ିଶା ସରକାର ଏହି ଅନାଥ ପିଲାଙ୍କ ପାଇଁ ସହାୟତା ଦେବାକୁ ହାତ ବଢ଼ାଇଛନ୍ତି। କୋଭିଡ୍‌ରେ ପିତାମାତା ଚାଲିଯାଇଥିବା ପିଲାଙ୍କୁ ରାଜ୍ୟ ସରକାର ଏହି ସହାୟତା ଅର୍ଥ ପ୍ରଦାନ କରିବେ। ଏହାସହିତ ପାଠପଢ଼ା ଖର୍ଚ୍ଚ ମଧ୍ୟ ବହନ କରିବେ ସରକାର। ଏଥିପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରିଛନ୍ତି ସରକାର। ଗ୍ରୀନ୍ ପ୍ୟାସେଜ ଯୋଜନାରେ ଏହି ଅନାଥ ପିଲାଙ୍କୁ ଯୋଡିବେ ସରକାର। ଯଦ୍ୱାରା ତାଙ୍କୁ ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି